# ଦୁଗ୍ଧ ସମିତିର ଲହର ଛୁଟେ
# ଗାଁ-ଗାଁରେ ବାଟେଘାଟେ



NATIONAL DAIRY DEVELOPMENT BOARD

NATIONAL DAIRY PLAN
MISSION MILK
THE NEXT REVOLUTION

# ପ୍ରସ୍ତାବନା

ଆପଣମାନେ ସମସ୍ତେ ଜାଣିଥିବେ ଯେ, ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଆମ ଦେଶ ପୃଥିବୀରେ ପ୍ରଥମ ଅଟେ । ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ । ଏହି ଉପଲବ୍ଧିର ଶ୍ରେୟ ମୁଖ୍ୟତଃ ଦୁଗ୍ଧ ଉତ୍ପାଦକ ମାନଙ୍କ ପାଖକୁ ଯାଇଥାଏ ; ଯିଏକି ଦୁଗ୍ଧ ଉତ୍ପାଦନ, ସଂଗ୍ରହ ଏବଂ ବିକ୍ରିବଟା ଭିତରେ ଥିବା ବିଭିନ୍ନ ଅସୁବିଧା ସମବାୟ ମାଧ୍ୟମରେ ଏକତ୍ରିତ ହୋଇ ସମାଧାନ କରିଥାନ୍ତି । ସଂପ୍ରତି ଭାରତବର୍ଷର ଗାଁ ଗାଁରେ ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତିଗୁଡ଼ିକର ସଂଖ୍ୟା ପାଖାପାଖି ଏକ ଲକ୍ଷ ; ଯେଉଁଥିରେ କି ଏକ କୋଟିରୁ ଅଧିକ ଦୁଗ୍ଧ ଉତ୍ପାଦକ ସଭ୍ୟ ଏକତା ସୂତ୍ରରେ ବନ୍ଧା ହୋଇଅଛନ୍ତି ।

କିନ୍ତୁ ଦୁଃଖର ବିଷୟ ହେଉଛି ଯେ, ସମିତିମାନଙ୍କରେ ବୁଝାମଣାର ଅଭାବ ହେତୁ ସଂସ୍ଥାର ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯାଉ ନାହିଁ । ସଂସ୍ଥାର ଉନ୍ନତି ପାଇଁ ତହିଁରେ ଥିବା ସଭ୍ୟ ପରିଚାଳନା କମିଟି ଏବଂ କର୍ମଚାରୀ ନିଜର ଦାୟିତ୍ୱକୁ ଠିକ୍ ଭାବରେ ହୃଦୟଙ୍ଗମ କରି ତାକୁ ଆପଣେଇବାର ଆବଶ୍ୟକତା ରହିଛି ।

ଉକ୍ତ ପୁସ୍ତିକାରେ ସମିତିର ସଭ୍ୟମାନଙ୍କ, ପରିଚାଳନା କମିଟି ଏବଂ ସମ୍ପାଦକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟକୁ ଅତି ଜୀବନ୍ତ ଉଦାହରଣ ଏବଂ ଛୋଟ ଛୋଟ କାହାଣୀ ମାଧ୍ୟମରେ ପ୍ରସ୍ତୁତ କରାଯାଇଛି । ପ୍ରତ୍ୟେକ ଅଧ୍ୟାୟର ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକ ପାଇଁ ପୁସ୍ତକଟିର ଉପଯୋଗିତା ଆହୁରି ମଧ୍ୟ ବଢ଼ି ଯାଇଛି । ଆମର ସମ୍ପୂର୍ଣ୍ଣ ବିଶ୍ୱାସ ଯେ, ଏହି ଜୀବନ୍ତ ଉଦାହରଣ ଏବଂ କାହାଣୀଗୁଡ଼ିକ ଆପଣଙ୍କ ପାଇଁ ପ୍ରେରଣାର ଉତ୍ସ ଭାବରେ କାମ କରିବ । ଏହାର ଉଦ୍ଦେଶ୍ୟ ସମିତିରେ ସଦସ୍ୟମାନଙ୍କ ଭାଗିଦାରୀ ବଢ଼ିବା ସଙ୍ଗେ ସଙ୍ଗେ ସମିତି ପରିଚାଳନା କ୍ଷେତ୍ରରେ ମଧ୍ୟ ଗୁଣାତ୍ମକ ପରିବର୍ତ୍ତନ ଆଣି ପାରିବ ।

ଆମେ ଆଶା କରୁଛୁ ଯେ, ଏହି ପୁସ୍ତିକାଟି ଆପଣମାନଙ୍କ ପାଇଁ ନିଶ୍ଚିତ ଭାବେ ଉପଯୋଗୀ ମନେ ହେବ । ଏହି ପୁସ୍ତକ ସମ୍ବନ୍ଧରେ ଆପଣଙ୍କ ସୁଚିନ୍ତିତ ମତାମତ ଅପେକ୍ଷାରେ ଆମେ ସର୍ବଦା ଅପେକ୍ଷାରତ ।


ମହାପ୍ରବନ୍ଧକ

ରାଷ୍ଟ୍ରୀୟ ଡ଼େରୀ ବିକାଶ ବୋର୍ଡ଼

ଆନନ୍ଦ - ୩୮୮୦୦୧

# ଦୁଗ୍ଧ ସମିତିର ଲହର ଛୁଟେ
# ଗାଁ-ଗାଁରେ ବାଟେଘାଟେ

## ଦୁଗ୍ଧ ଉତ୍ପାଦକ ସମବାୟ ସମିତିର

ସଭ୍ୟ, ପରିଚାଳନା ସମିତି ସଭ୍ୟ
ସଂପାଦକ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କ
ପାଇଁ

## ଗଠନ ଓ ପରିଚାଳନା ସମ୍ବନ୍ଧିତ ପୁସ୍ତିକା


NATIONAL DAIRY DEVELOPMENT BOARD
NATIONAL DAIRY PLAN MISSION MILK THE NEXT REVOLUTION

ରାଷ୍ଟ୍ରୀୟ ଡ଼େରୀ ବିକାଶ ବୋର୍ଡ଼

ଆନନ୍ଦ - ୩୮୮୦୦୧

# ସୂଚୀପତ୍ର



## ଦୁଗ୍ଧ ସମିତି ଗଠନ ହେଲା ରାମପୁରରେ


» ଦୁଗ୍ଧ ସମିତି ଗଠନର ଆବଶ୍ୟକତା କାହିଁକି ?

» ଦୁଗ୍ଧ ସମିତି ଗଠନରେ ଚାଷୀମାନଙ୍କର ଲାଭ କ'ଣ ?

» ଦୁଗ୍ଧ ସମିତି ଚାଷୀମାନଙ୍କର କେଉଁ କେଉଁ ଆବଶ୍ୟକତାକୁ ପୂରଣ କରିଥାଏ ?

» ଦୁଗ୍ଧ ସମିତିର ସଭ୍ୟମାନେ ଘରୋଇ ଦୁଗ୍ଧ ବ୍ୟବସାୟୀମାନଙ୍କ ସହିତ ଦେଣନେଣ କଲେ କାହିଁକି ଲାଭ ହୁଏ ନାହିଁ ?


## ସଭ୍ୟମାନଙ୍କ ଦାୟିତ୍ୱ


» ସମସ୍ତ ସଭ୍ୟ ସମିତିରେ ଦୁଗ୍ଧ ଦେବା ଆବଶ୍ୟକ କାହିଁକି ?

» ସମସ୍ତ ସଭ୍ୟ ସମିତିରେ କାହିଁକି ସ୍ୱଚ୍ଛ ଓ ଶୁଦ୍ଧ କ୍ଷୀର ଯୋଗାଇବେ ?

» ସମସ୍ତ ସଭ୍ୟ ଦୁଗ୍ଧ ସମିତି ପ୍ରତି ବିଶ୍ୱସ୍ତ ହେବେ କାହିଁକି ?

» ଦୁଗ୍ଧ ସମିତିର ଉନ୍ନତି ପାଇଁ ସଭ୍ୟମାନଙ୍କର କ'ଣ ସବୁ ଦାୟିତ୍ୱ ରହିଛି ?


## ଆଦର୍ଶ ଦୁଗ୍ଧ ସମିତି


» ଆଦର୍ଶ ଦୁଗ୍ଧ ସମିତି ଗଠନ କରିବା ପାଇଁ କ'ଣ ସବୁ କରିବା ?

» ଦୁଗ୍ଧ ସମିତିରେ ଗୁଣାତ୍ମକମାନ ବଜାୟ ରଖିବା ଜରୁରୀ କାହିଁକି ?

» ସମିତିରେ ସଭ୍ୟମାନଙ୍କ କ'ଣ ସବୁ ଦାୟିତ୍ୱ ରହିଛି ?

» ଆଦର୍ଶ ସମିତିର ବ୍ୟବସାୟିକ ଯୋଜନା କିପରି ହେବା ଜରୁରୀ ?


## ଜଗନ୍ନାଥପୁର ସମିତି ପରି ନିଜ ସମିତିକୁ ମଧ୍ୟ ଗଢ଼ିବା


» ସମିତିକୁ ଠିକ୍ ଭାବରେ ଚଳାଇବା ପାଇଁ ପରିଚାଳନା କମିଟିର ଭୂମିକା କ'ଣ ?

» ସମିତି ପରିଚାଳନାରେ ସମ୍ପାଦକଙ୍କ ଦାୟିତ୍ୱ କ'ଣ ?

## ପ୍ରଶ୍ନ

» ଗାଁରେ ଥିବା ଦୁଗ୍ଧ ସମିତିର ମାଲିକ କିଏ ?

» ଦୁଗ୍ଧ ସମିତି ଦୁଗ୍ଧ ବ୍ୟବସାୟ ସହିତ ଜଡ଼ିତ ଥିବା ଚାଷୀମାନଙ୍କର କେଉଁ କେଉଁ ସମସ୍ୟାଗୁଡ଼ିକୁ ସମାଧାନ କରିଥାଏ ?

» ଦୁଗ୍ଧ ସମିତି ଚାଷୀମାନଙ୍କର କେଉଁ କେଉଁ ଅଭାବଗୁଡ଼ିକ ପୂରଣ କରିଥାଏ ?

ଗାଁରେ ଦୁଗ୍ଧ ସମିତି ଗଠନ ହେଲେ କ'ଣ କ'ଣ ଲାଭ ହୁଏ, ଏହା ଦ୍ୱାରା ଚାଷୀମାନଙ୍କର ଆର୍ଥିକ ଓ ସାମାଜିକ ବିକାଶ କିପରି ଭାବରେ ହୋଇଥାଏ ତାହା ଆମେ ସୁଖପୁରର ଦୁଗ୍ଧ ଉତ୍ପାଦକମାନଙ୍କ ମୁହଁରୁ ଶୁଣିବା । ରାମପୁର ଗ୍ରାମବାସୀ ସୁଖପୁର ଠାରୁ କିପରି ପ୍ରେରଣା ପାଇଲେ ଓ ସେମାନେ ମଧ୍ୟ ନିଜ ଗାଁରେ କିପରି ଭାବେ ଦୁଗ୍ଧ ସମିତିଟିଏ ଗଠନ କଲେ ଏହା ଆମେ ଏହି ଅଧ୍ୟାୟରୁ ଜାଣି ପାରିବା । ତା' ହେଲେ ଆସନ୍ତୁ ଆମେ ରାମପୁର ଗ୍ରାମ ଅଭିମୁଖେ ଯିବା ।

## ରାମପୁରରେ ଦୁଗ୍ଧ ସମିତି ଗଠନ ହେଲା କିପରି ?

ରାମପୁରର ଚାଷୀମାନଙ୍କ ଭିତରେ ପ୍ରବଳ ଉତ୍ସାହ । କାରଣ ତାଙ୍କ ଗାଁରେ ମଧ୍ୟ ଦୁଗ୍ଧ ଉତ୍ପାଦକ ସମବାୟ ସମିତିଟିଏ ଗଠନ ହୋଇଗଲାଣି । ଏବେ ଆଉ ପ୍ରବଳ ଶୀତରେ ଦୂରଦୂରାନ୍ତକୁ କିମ୍ବା ସହରକୁ ଯାଇ ଦୁଗ୍ଧ ବିକ୍ରୟ କରିବାର ଆବଶ୍ୟକତା ନାହିଁ । ବର୍ତ୍ତମାନ ପ୍ରତିଦିନ ଜିଲ୍ଲା ଦୁଗ୍ଧ ସଂଘର ଟ୍ୟାଙ୍କର ସକାଳେ ଓ ସନ୍ଧ୍ୟାରେ ଦୁଗ୍ଧ ନେବା ପାଇଁ ରାମପୁର ଯିବା ଆସିବା କରୁଛି ।

ପ୍ରଥମେ ଦୁଗ୍ଧ ବେପାରୀ ଚାଷୀମାନଙ୍କୁ ଖୁବ୍ ହଇରାଣ କରୁଥିଲା । ଶୀତ ଦିନେ ସେ ତା'ର ଚିହ୍ନା ପରିଚିତ ଚାଷୀମାନଙ୍କ ଠାରୁ ମଧ୍ୟ ଦୁଗ୍ଧ ନେବା ବନ୍ଦ କରି ଦେଉଥିଲା । ଗାଁର ଦୁଗ୍ଧ ବ୍ୟବସାୟୀ ଗଙ୍ଗା ସିଂ ତ ଦୁଗ୍ଧ ବଦଳରେ ପଇସା ନ ଦେଇ ଚାଷୀମାନଙ୍କୁ ନିଜ ଦୋକାନର ଚୋକଡ଼/ପିଡ଼ିଆ ଓ ଅନ୍ୟାନ୍ୟ ଜିନିଷପତ୍ର ବିକ୍ରି କରୁଥିଲା ।



ଦୁଗ୍ଧ ବ୍ୟବସାୟୀକୁ କ୍ଷୀର ବିକିବା ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହୋଇଥାଏ

ଚାଷୀମାନଙ୍କର ଅବସ୍ଥା କହିଲେ ନ ସରେ, ସତେ ଯେମିତି ଆଗକୁ ଗଲେ କୂଅରେ ପଡ଼ିବା ପଛକୁ ଗଲେ ଗାତରେ ପଡ଼ିବା ଭଳି କଥା । ଯେହେତୁ ଦୁଗ୍ଧ ବିକ୍ରି ପାଇଁ ଅନ୍ୟ କୌଣସି

ସୁବିଧା ନ ଥିଲା ତେଣୁ ବାଧ ହୋଇ ତା' ପାଖକୁ ଯିବାକୁ ପଡୁଥିଲା । ରାମପୁରର ଦୁଗ୍ଧ ସମିତିରେ ନିର୍ବାଚିତ ହୋଇଥିବା ଅଧ୍ୟକ୍ଷ ଦୀନାନାଥ ବାବୁ କହନ୍ତି ଯେ, - ଏ କ୍ଷୀର ବ୍ୟବସାୟୀ ବା କ'ଣ ଜାଣିବ ଚାଷୀମାନଙ୍କର ଅଭାବ ଅସୁବିଧା । ତା'ର ଏକମାତ୍ର ଲକ୍ଷ୍ୟ କିପରି ଅଧିକରୁ ଅଧିକ ରୋଜଗାର କରିବ । ନିଜର ଲାଭ ପାଇଁ ସେ ଆଜି ପର୍ଯ୍ୟନ୍ତ ଚାଷୀମାନଙ୍କୁ ମନଇଚ୍ଛା ଶୋଷଣ କରି ଆସୁଛି । ଖରାଦିନେ ସେ ଚାଷୀମାନଙ୍କ ପଛରେ ଦୌଡ଼ି ଦୌଡ଼ି କ୍ଷୀର ନେଉଥିବା ବେଳେ ଶୀତ ଦିନେ ଚାଷୀମାନଙ୍କର କ୍ଷୀର ବିକ୍ରି ନ ହେବାରୁ ତା'ର ବେଶ୍ ଫାଇଦା ଉଠାଇଥାଏ । ସୋହନ ଭଳିଆ କିଛି ଚାଷୀ ତ ଏଭଳି ଋଣଗ୍ରସ୍ତ ହୋଇଯାଇଛନ୍ତି ଯେ, ସେମାନେ ବ୍ୟବସାୟୀର ଚକ୍ରବ୍ୟୂହରୁ ଏପର୍ଯ୍ୟନ୍ତ ମୁକୁଳି ପାରି ନାହିଁ କି ତା' ସହ ଶତ୍ରୁତା ମଧ୍ୟ କରିପାରିବେ ନାହିଁ , କାରଣ ପାଣିରେ ରହି କୁମ୍ଭୀର ସହ କଳି କରିବା ଆଦୌ ସମ୍ଭବ ନୁହେଁ ।



ଚାଷୀ ସବୁବେଳେ ଚିନ୍ତାରେ ରହିବାର କାରଣ ହେଲା ଯେ, ରୋଗଗ୍ରସ୍ତ ପଶୁର ଔଷଧ ଖର୍ଚ୍ଚ ଖୁବ୍ ବ୍ୟୟବହୁଳ ।

ଦୁଗ୍ଧ ଚାଷୀର ଅନ୍ୟ ଏକ ମୁଖ୍ୟ ସମସ୍ୟା ହେଲା ଯେତେବେଳେ ଗାଈମାନେ ବେମାର ପଡ଼ିଥାନ୍ତି । ଗତ ବର୍ଷ ୧୦-୧୫ଟି ଗାଈର କ୍ଷତି ହୋଇଥିଲା । ବର୍ତ୍ତମାନ ସମୟରେ ଗାଈମାନଙ୍କ ଚିକିତ୍ସା ମଧ୍ୟ କମ୍ ଖର୍ଚ୍ଚ ବହୁଳ ନୁହେଁ । ତଥାପି ଗାଈ ମଈଁଷି କୌଣସି ରୋଗରେ ଆକ୍ରାନ୍ତ ହେଲେ ଚାଷୀ ଚୁପ୍‌ଚାପ୍ ଦେଖିପାରେ ନାହିଁ । ନିଜ ଘର ଖର୍ଚ୍ଚରୁ କାଟି ସେ ପଶୁର ଚିକିତ୍ସା କରାଇଥାଏ । ଅଭାବ ଅସୁବିଧା ହେତୁ ବେଳେ ବେଳେ ଛୋଟ ଛୋଟ ରୋଗ ବେମାରୀକୁ ଅଣଦେଖା କରିବା ଫଳରେ ଚାଷୀକୁ ତା'ର ଫଳ ଭୋଗିବାକୁ ପଡ଼ିଥାଏ, ଯାହା ଦ୍ୱାରା ଗାଈର ଦୁଗ୍ଧ ଉତ୍ପାଦନ ଉପରେ ତା'ର ପ୍ରଭାବ ପଡ଼ି ଲାଭ ଅପେକ୍ଷା କ୍ଷତି ହିଁ ଅଧିକ ହୋଇଥାଏ । ଯମୁନା ପ୍ରସାଦଙ୍କ ପରି ଧନୀ ଚାଷୀ ହାତରୁ ଖର୍ଚ୍ଚ କରି ଗାଈମାନଙ୍କ ପାଇଁ ଖର୍ଚ୍ଚବହୁଳ ଚିକିତ୍ସା କରାଇଥାନ୍ତି କିନ୍ତୁ ଅଧିକ ଦାମ୍ ଦେଇ କିଣି ଆଣିଥିବା ଉନ୍ନତ ପ୍ରଜାତିର ପଶୁମାନଙ୍କ କୃତ୍ରିମ ପ୍ରଜନନ କରାଇବା ସମ୍ଭବ ହୋଇପାରୁ ନ ଥିଲା । ତେଣୁ ସେ ପଞ୍ଚାୟତ ତରଫରୁ ଏକ ଉନ୍ନତ ପ୍ରଜାତିର ଷଣ୍ଢ ମଧ୍ୟ ଗାଁକୁ ଅଣାଇଥିଲେ ମାତ୍ର ଉପଯୁକ୍ତ ଯତ୍ନ ଅଭାବରୁ ସେ ମଧ୍ୟ ରୋଗୀଣା ହୋଇଗଲା । ଠିକ୍ ଏହି ସମୟରେ ସେ ଜାଣିବାକୁ ପାଇଲେ ଯେ, କୃତ୍ରିମ ପ୍ରଜନନ ମାଧ୍ୟମରେ ସମସ୍ୟାର ସମାଧାନ ହୋଇପାରିବ ଓ ଜିଲ୍ଲା ଦୁଗ୍ଧ ସଂଘ ଆନୁକୂଲ୍ୟରେ ଗଠିତ ହୋଇଥିବା ପ୍ରାଥମିକ ଦୁଗ୍ଧ ସମିତିରେ ଏସବୁର ସୁବିଧା ରହିଛି । ତେଣୁ ସେ ଗାଁରେ ଦୁଗ୍ଧ ସମିତିଟିଏ ଖୋଲିବାର ପ୍ରୟାସ କରିଥିଲେ ।

ସେ ଏକଥାଟି ଠିକ୍ ଭାବେ ହୃଦୟଙ୍ଗମ କରିଥିଲେ ଯେ, ଚାଷୀର ଆର୍ଥିକ ଅବସ୍ଥା ଯେତେ ସ୍ୱଚ୍ଛଳ ଥିଲେ ମଧ୍ୟ ସେ କେବଳ ନିଜର ପ୍ରଚେଷ୍ଟାରେ ଦୁଗ୍ଧ ବ୍ୟବସାୟରେ ଥିବା ବିଭିନ୍ନ ସମସ୍ୟାକୁ ଏକା ସମାଧାନ କରିପାରିବ ନାହିଁ । ସେଥିପାଇଁ ଗାଁରେ ଥିବା ସମସ୍ତ ଭୂମିହୀନ ଠାରୁ




ସୁଖପୁର ସମିତି କାର୍ଯ୍ୟାଳୟ ଆଗରେ ଲମ୍ବାଧାଡ଼ି ଦେଖି ରାମପୁରର ଚାଷୀମାନେ ଆଶ୍ଚର୍ଯ୍ୟ ହୋଇଗଲେ ।

ଆରମ୍ଭ କରି ବଡ଼ଚାଷୀ ପର୍ଯ୍ୟନ୍ତ ସମସ୍ତ ଦୁଗ୍ଧ ଉତ୍ପାଦକ ସଭ୍ୟ ଏକତ୍ରିତ ହୋଇ ଏପରି ଏକ ସଂସ୍ଥା ଗଠନ କରିବା ଯାହାକି ଏ ଦିଗରେ ଥିବା ସମସ୍ତ ସମସ୍ୟାର ସମାଧାନ କରିପାରୁଥିବ । କିନ୍ତୁ ରାମପୁର ଚାଷୀଭାଇମାନେ ଏହା ଜାଣି ନଥିଲେ ଯେ, ସମିତିଟିଏ ଗଠନ କରିବାକୁ ହେଲେ ପ୍ରଥମେ କ'ଣ କରିବାକୁ ପଡ଼ିବ ।

ଇତ୍ୟବସରରେ ରାମପୁରର କିଛି ଚାଷୀ ଭାଇ ଯମୁନା ପ୍ରସାଦଙ୍କ ପୁଅର ବାହାଘର ନିମନ୍ତେ ସୁଖପୁର ଯାଇଥିଲେ । ସେଠାରେ ତାଙ୍କ ରହିବା ପାଇଁ ସୁଖପୁର ଦୁଗ୍ଧ ସମିତି ପାଖରେ ବ୍ୟବସ୍ଥା କରାଯାଇଥିଲା । ନିଜ ଆଖି ଆଗରେ ଏକ ସୁନ୍ଦର ଅଗଣାରେ ତିଆରି ହୋଇଥିବା ଦୁଗ୍ଧ ସମିତିର କୋଠାଘରକୁ ଦେଖି ସେମାନେ ବିଶ୍ୱାସ କରିପାରିଲେ ନାହିଁ ଯେ,ଏ ଘରଟି ଦୁଗ୍ଧ ବ୍ୟବସାୟରୁ ମିଳିଥିବା ଲାଭରୁ ହିଁ ତିଆରି ହୋଇଛି । ସେମାନେ ଆହୁରି ମଧ୍ୟ ଆଶ୍ଚର୍ଯ୍ୟ ହେଲେ ଯେ, ସେମାନଙ୍କ ଆଖି ଆଗରେ ସମିତିର ଦୁଗ୍ଧ ସଂଗ୍ରହ ଓ ପରୀକ୍ଷା ଏକ ସ୍ୱୟଂଚାଳିତ ମେସିନ୍ ମାଧ୍ୟମରେ କରାଯାଉଛି । ଏତଦ୍ ବ୍ୟତୀତ ସେମାନେ ଦେଖିଲେ ଯେ, କେତେ ଜଣ ସଭ୍ୟ ଗୋ-ଖାଦ୍ୟ କିଣୁଥିଲେ ତ ଆଉ କେତେ ଜଣ ନିଜ ଗାଈମାନଙ୍କୁ ଚିକିତ୍ସା ମଧ୍ୟ କରାଉଥିଲେ । ଅଳ୍ପ ଟିକିଏ ଦୂରରେ ଗାଈମାନଙ୍କ ଏକ କୃତ୍ରିମ ପ୍ରଜନନ କେନ୍ଦ୍ର ଥିଲା ଓ ସେଠାରେ କେତେ ଜଣ ଚାଷୀ ନିଜ ଗାଈମାନଙ୍କୁ କୃତ୍ରିମ ପ୍ରଜନନ କରାଇବାକୁ ଆଣିଥିଲେ ।

ଏସବୁ ସୁବିଧା ଦେଖି ରାମପୁର ଚାଷୀମାନେ ସୁଖପୁରର ଲୋକମାନଙ୍କୁ ବିଭିନ୍ନ କଥା ପଚାରିବାକୁ ଲାଗିଲେ । ସୁଖପୁରର ଚାଷୀମାନେ କହିଲେ ଯେ, ଏ ସମସ୍ତ ସୁବିଧା ବ୍ୟତୀତ ସମିତି ପ୍ରତିବର୍ଷ ଦୁଇଥର ଗ୍ରାମର ସମସ୍ତ ପଶୁଙ୍କୁ ଟୀକାକରଣ ଓ କୃମିନାଶକ ଔଷଧଯୋଗାଇ ଦେବାର ବ୍ୟବସ୍ଥା କରିଥାଏ । ଯଦି ପଶୁ କୌଣସି ରୋଗରେ ଆକ୍ରାନ୍ତ ହୁଏ ତା' ହେଲେ ଡାକ୍ତର ଚାଷୀର ଘରକୁ ଯାଇ ଚିକିତ୍ସା କରି ଔଷଧ ଯୋଗାଇ ଦେବାର ବ୍ୟବସ୍ଥା ସମିତି କରିଥାଏ । ଏହା ଛଡ଼ା ପଶୁମାନଙ୍କ ଖାଦ୍ୟ ସକାଶେ ଘାସ ଉତ୍ପାଦନ ପାଇଁ ଉନ୍ନତ ଗୁଣ ଓ ମାନର ମଞ୍ଜି ସମିତି ଠିକ୍ ସମୟରେ ଯୋଗାଇ ଦେଇଥାଏ । ଖରା ଦିନେ ପଶୁର ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଆହାର ପାଇଁ ଚାଷୀମାନେ ଘାସ ଆଚାର ଓ ୟୁରିଆ ଉପଚାରିତ ପୁଆଳ ତିଆରି କରିବାକୁ ମଧ୍ୟ ସମିତି ସାହାଯ୍ୟ କରିଥାଏ ।

ସୁଖପୁରର ଚାଷୀମାନେ ଆହୁରି କହିଲେ ଯେ, ଆମେ ନିଜେ ହେଉଛୁ ଆମ ସମିତିର ମାଲିକ । ସେଥିପାଇଁ



ରାମପୁରର ଚାଷୀମାନେ ସୁଖପୁରବାସୀଙ୍କ ଠାରୁ ବହୁତ କିଛି ତଥ୍ୟ ଜାଣିବାକୁ ପାଇଲେ ।




ସମିତି କାର୍ଯ୍ୟ ପ୍ରଣାଳୀରେ ଏମିତି କିଛି ତଥ୍ୟ ଅଛି, ଯାହା ଉପରେ ସଭ୍ୟମାନେ ଧ୍ୟାନ ଦେବା ଉଚିତ ।

ସମିତି ମାଧ୍ୟମରେ ଦୁଗ୍ଧ ବ୍ୟବସାୟରୁ ହେଉଥିବା ଲାଭକୁ ଲାଭାଂଶ ଆକାରରେ ଚାଷୀମାନଙ୍କ ଭିତରେ ବଣ୍ଟା ଯାଇଥାଏ । ଏହା ସଭ୍ୟମାନଙ୍କ ଦ୍ୱାରା ଯୋଗାଇଥିବା ଦୁଗ୍ଧର ପରିମାଣ ଅନୁସାରେ ସମିତିର ସମ୍ପାଦକଙ୍କ ଦ୍ୱାରା ହିସାବ କରାଯାଇଥାଏ । ଯେମିତିକି ଗତ ବର୍ଷ ଦୁଗ୍ଧ ଯୋଗାଇଥିବା ସମସ୍ତ ସଭ୍ୟଙ୍କୁ ଲିଟର ପିଛା ଏକ ଟଙ୍କା ହିସାବରେ ଲାଭାଂଶ ମିଳିଥିଲା ।

ସୁଖପୁରର ଚାଷୀମାନେ ଆହୁରି ମଧ୍ୟ କହିଥିଲେ ଯେ, ଯେତେଦିନ ପର୍ଯ୍ୟନ୍ତ ପଶୁମାନଙ୍କ ଖାଦ୍ୟପେୟ ଓ ପ୍ରଜାତିରେ ପରିବର୍ତ୍ତନ ଆଣିବା ପାଇଁ ଅତ୍ୟାଧୁନିକ କୌଶଳଗୁଡ଼ିକର ପ୍ରୟୋଗ କରା ନ ଯିବ, ସେତେଦିନ ପର୍ଯ୍ୟନ୍ତ ଦୁଗ୍ଧ ଉତ୍ପାଦନ ଚାଷୀମାନଙ୍କ ପାଇଁ ଲାଭଦାୟକ ହେବ ନାହିଁ । ଆଉ ଏ ସମସ୍ତ ବ୍ୟବସ୍ଥା, ସେ ଯେତେ ବଡ଼ ଚାଷୀ ହୋଇଥିଲେ ମଧ୍ୟ କେବଳ ଜଣକ ପାଇଁ ଯୋଗାଇ ଦେବା ଆଦୌ ସମ୍ଭବ ନୁହେଁ ।

ସେ ବିବାହ ଉତ୍ସବରେ ଯମୁନା ପ୍ରସାଦଙ୍କ ସମୁଦି ବିନୋଦ କୁମାର ମଧ୍ୟ ଉପସ୍ଥିତ ଥିଲେ । ସେ ସେହି ଅଞ୍ଚଳର ଶ୍ୟାମପୁର ଦୁଗ୍ଧ ସମିତିର ଜଣେ ସଭ୍ୟ । ଗୋଟିଏ ଅଞ୍ଚଳରେ ଦୁଇଟି ଯାକ ସମିତି ଗଢ଼ି ଉଠିଥିଲେ ମଧ୍ୟ ସୁଖପୁର ଦୁଗ୍ଧ ସମିତିର ଉନ୍ନତି ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ ଓ ସୁଖପୁର ସମିତିର ଅଧ୍ୟକ୍ଷ ଶ୍ରୀ ହରି ସିଂକୁ ଭେଟି ସମିତିର ଏଭଳି ଉନ୍ନତିର କାରଣ ସମ୍ପର୍କରେ ପଚାରି ବୁଝିଥିଲେ । ହରି ସିଂ କହିଲେ ଯେ, ଜିଲ୍ଲା ଦୁଗ୍ଧସଂଘ କେବଳ ସମିତିଟିଏ ଖୋଲି ଦେଲେ ଆପେ ଆପେ ତା'ର ଉନ୍ନତି ହୋଇଯାଏ ନାହିଁ । ଏଥି ପାଇଁ ସମିତିର ସମସ୍ତ ଦୁଗ୍ଧ ଉତ୍ପାଦକ ସଭ୍ୟଙ୍କୁ ଏକଜୁଟ୍ ହେବାକୁ ପଡ଼ିଥାଏ ଓ ନିଜ ଘରେ ବାହାରୁଥିବା ସମସ୍ତ କ୍ଷୀରକୁ ସମିତିରେ ହିଁ ଆଣି ଦେବାକୁ ପଡ଼ିଥାଏ । ଯଦି ସୁବିଧା ଅନୁସାରେ କେବେ ସମିତିରେ ଓ କେବେ ଘରୋଇ ବ୍ୟବସାୟୀଙ୍କୁ କ୍ଷୀର ବିକ୍ରି କରିବେ ତେବେ ସମିତିରେ ବିକାଶ ଆଦୌ ସମ୍ଭବ ନୁହେଁ । ଏହା ଯେମିତି ଦୁଇ ନାବରେ ଗୋଡ଼ ଦେବା ପରି ଅବସ୍ଥା । ସମିତିକୁ ଅଧିକ କ୍ଷୀର ନ ଆସିବାର କାରଣ ହେଲା ସେଠିକାର ଦୁଗ୍ଧ ଉତ୍ପାଦକମାନେ ଦୁଇଟି ନାବରେ ଗୋଡ଼ ଦେଇଛନ୍ତି । ତେଣୁ ଘରୋଇ ବେପାରୀମାନେ



ଉଚିତ୍ ଲାଭ ମିଳିବାରୁ ଚାଷୀ ମୁହଁରେ ହସ ଫେରି ଆସିଛି ।

ସେହି ଦୁଇ ଆଡ଼େ ମୁଣ୍ଡ ଦେଖାଉଥିବା ଲୋକମାନଙ୍କ ସକାଶେ ଫାଇଦା ଉଠାଇଥାନ୍ତି । କିନ୍ତୁ ସୁଖପୁରରେ ଏହା ସମ୍ଭବ ହୋଇପାରିଲା ନାହିଁ ଏଥିପାଇଁ ଯେ, ସେଠାରେ ଚାଷୀମାନଙ୍କ ଭିତରେ ଏକତା ରହିଛି ।

ହରିସିଂ ବାବୁଙ୍କୁ ଭେଟିବା ପରେ ରାମପୁର ଚାଷୀମାନେ ଦୁଗ୍ଧ ସମିତିର ସଫଳତାର ରହସ୍ୟ ଜାଣି ପାରିଲେ । ସୁଖପୁର ଛାଡ଼ିବା ପୂର୍ବରୁ ସେମାନେ ହରିସିଂଙ୍କ ଠାରୁ ସମିତି ଗଠନର ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ବହୁତ ତଥ୍ୟ ଜାଣିବାକୁ ପାଇଲେ ।

ରାମପୁର ଫେରିଯିବା ମାତ୍ରେ ଗାଁରେ ସୁଖପୁରର ଉନ୍ନତି ସମ୍ପର୍କରେ ନାନା ପ୍ରକାରର ଚର୍ଚ୍ଚା ଆରମ୍ଭ ହୋଇଗଲା । ସମସ୍ତେ ସ୍ଥିର କଲେ ଯେ, ରାମପୁରରେ ମଧ୍ୟ ଗୋଟିଏ ଦୁଗ୍ଧ ସମିତି ଖୋଲାଯିବ । ସେଥିପାଇଁ ଜିଲ୍ଲା ଦୁଗ୍ଧ ସଂଘର ସାଧାରଣ ପରିଚାଳକ ଏବଂ ଅନ୍ୟାନ୍ୟ ପଦାଧିକାରୀଙ୍କୁ ସାକ୍ଷାତ କରି ଦୁଗ୍ଧ ସମିତିଟିଏ ଗଠନ କରିବାକୁ ଆବେଦନ କଲେ ।

ଠିକ୍ ଏକ ମାସ ପରେ ରାମପୁର ଦୁଗ୍ଧ ସମିତିରେ ଦୁଗ୍ଧ ସଂଗ୍ରହ ଆରମ୍ଭ ହେଲା । ସମିତି ବର୍ତ୍ତମାନ ୨୦୦ ଲିଟର କ୍ଷୀର ସଂଗ୍ରହ କରୁଛି । ଦୁଗ୍ଧ ଯୋଗାଉଥିବା ସଭ୍ୟମାନେ କ୍ଷୀରର ଘିଅ ଅଂଶ ଓ ଦାମ୍ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ନିଜ ଦୁଗ୍ଧ ସମିତିକୁ ସଂଘର ସବୁଠାରୁ ବଢ଼ିଆ ସମିତି ଭାବରେ ଗଢ଼ି ତୋଳିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ।



ଏବେ ରାମପୁରରେ ମଧ୍ୟ ଦୁଗ୍ଧ ସମିତି ଖୋଲିଲା ।

## କେତୋଟି ଚିନ୍ତା କରିବାର କଥା

» ରାମପୁରର ଦୁଗ୍ଧ ଉତ୍ପାଦକମାନଙ୍କ କଣ ସବୁ ସମସ୍ୟା ଥିଲା ?

» ଯମୁନା ପ୍ରସାଦ ବାବୁଙ୍କର କଣ ସବୁ ଅସୁବିଧା ଥିଲା ?

» ସୁଖପୁର ସମିତି ତା'ର ସଭ୍ୟମାନଙ୍କୁ କଣ ସବୁ ସୁବିଧା ଦେଇଥାଏ ?

» ସୁଖପୁର ସମିତିରେ ସଭ୍ୟମାନଙ୍କୁ ଲିଟର ପିଛା କେତେ ଟଙ୍କା ଲାଭାଂଶ ଦିଆଯାଇଥିଲା ?

## ମନେ ରଖ

**ଦୁଇଟି ନାବରେ ପାଦ ଦେବା କ୍ଷତିକାରକ ।**

# କାହାଣୀଟିଏ



ଦଳେ ପକ୍ଷୀ ଆକାଶ ମାର୍ଗରେ ଉଡ଼ି ଉଡ଼ି ଯାଉଥିଲେ । ହଠାତ୍ ସେମାନେ ତଳେ କିଛି ଖାଦ୍ୟ କଣିକା ପଡ଼ିଥିବା ଦେଖିଲେ । ତାକୁ ଖାଇବା ପାଇଁ ସେମାନଙ୍କର ଇଚ୍ଛା ହେଲା ଓ ସମସ୍ତେ ସ୍ଥିର କଲେ ତଳକୁ ଓହ୍ଲାଇବା ପାଇଁ ।

ଠିକ୍ ଏତିକି ବେଳେ ଗୋଟିଏ ବୟସ୍କ ଓ ଅନୁଭବୀ ଚଢ଼େଇ ସେମାନଙ୍କୁ ସଚେତନ କରି କହିଲା- ଏହା ଏକ ନିଘଞ୍ଚ ଜଙ୍ଗଲ, ଏଠି ଶସ୍ୟକଣିକା ଆସିବ କେଉଁଠୁ ? ଏହା ନିଶ୍ଚିତ ଭାବେ କୌଣସି ଏକ ଶିକାରୀର ଚକ୍ରାନ୍ତ । ତେଣୁ ଆମେ ତଳକୁ ଓହ୍ଲାଇ ବ୍ୟାଧର ଜାଲରେ ପଡ଼ିବା କାହିଁକି ?

ଅନ୍ୟ ପକ୍ଷୀମାନେ କହିଲେ, - "ତୁମେ ଅକାରଣରେ ଡ଼ରୁଛ, କିଛି ହେବ ନାହିଁ ।" କେହି ମଧ୍ୟ ସେହି ବୟସ୍କ ପକ୍ଷୀର କଥା ଶୁଣିଲେ ନାହିଁ ଓ ସମସ୍ତେ ଏକା ସାଥୀରେ ତଳକୁ ଓହ୍ଲାଇ ଆସିଲେ । ତଳକୁ ଓହ୍ଲାଇବା ମାତ୍ରେ ସମସ୍ତେ ବ୍ୟାଧର ଜାଲରେ ପଡ଼ିଗଲେ । ଏତିକି ବେଳେ ସମସ୍ତଙ୍କର ମନେ ପଡ଼ିଲା । ଭୟରେ ସମସ୍ତେ କାନ୍ଦିବାକୁ ଲାଗିଲେ । ଏ ସବୁ ଦେଖି ବୟସ୍କ ପକ୍ଷୀଟି କହିଲା - ଏବେ କାନ୍ଦିକି ଲାଭ କଣ ? ଆମେ ପ୍ରଥମରୁ ଚିନ୍ତା କରିବାର ଆବଶ୍ୟକ ଥିଲା । ତଥାପି କିଛି କଥା ନାହିଁ । ଯଦି ଆମେ ସମସ୍ତେ ଏକାଠି ହୋଇ ଚେଷ୍ଟା କରିବା ତା' ହେଲେ ଜାଲ ସହିତ ଉଡ଼ି ପଳାଇଯିବା ।

ଅନ୍ୟ ପକ୍ଷୀମାନେ ଜାଲ ଉଠାଇ ପାରିବା ବୋଲି ବିଶ୍ୱାସ କଲେ ନାହିଁ । କିନ୍ତୁ ଅନୁଭବୀ ପକ୍ଷୀଟି ସେମାନଙ୍କ ମନରେ ଦମ୍ଭ ଓ ସାହସ ଦେଇ କହିଲା "ଏକତା ହିଁ ବଳ । ଚାଲ ଆମେ ଚେଷ୍ଟା କରିବା, ଫଳ ଦେବା ଭଗବାନଙ୍କ ହାତରେ ।" ସମସ୍ତ ପକ୍ଷୀ ଏକା ସାଥୀରେ ଉଡ଼ିବାକୁ ଚେଷ୍ଟା କଲେ । ପ୍ରଥମ ଥର ସେମାନେ ସଫଳ ହେଲେ ନାହିଁ । ଦ୍ୱିତୀୟ ଥର ସମସ୍ତେ ଜୋର୍‌ରେ ଚେଷ୍ଟା କଲେ ଓ ଜାଲ ସହିତ ସମସ୍ତେ ଆକାଶରେ ଉଡ଼ି ଗଲେ ।

ଦୁଗ୍ଧ ଉତ୍ପାଦକମାନଙ୍କୁ ଶୋଷଣ ବିରୁଦ୍ଧରେ ଲଢ଼ିବାକୁ ହେଲେ ଏକତା ହିଁ ଏକମାତ୍ର ଅମୋଘ ଅସ୍ତ୍ର ।



## ପ୍ରଶ୍ନ

» ଦୁଗ୍ଧ ସମିତିରେ ହିଁ ସମସ୍ତ ସଭ୍ୟ ଦୁଗ୍ଧ ଦେବା ଆବଶ୍ୟକ କାହିଁକି ?

» ସଭ୍ୟମାନେ ପରିଷ୍କାର ଓ ଶୁଦ୍ଧ କ୍ଷୀର ଦେବା ଜରୁରୀ କାହିଁକି ?

» ସଭ୍ୟମାନେ ସମିତି ପ୍ରତି କାହିଁକି ବିଶ୍ୱସ୍ତ ହେବା ଆବଶ୍ୟକ ?

» ଦୁଗ୍ଧ ସମିତିକୁ ଉନ୍ନତି ପଥରେ ଆଗେଇ ନେବା ଦାୟିତ୍ୱ କାହା ଉପରେ ନ୍ୟସ୍ତ ଥାଏ ?

ଆମେ ଦେଖିଲେ ଯେ, ସୁଖପୁର ଦୁଗ୍ଧ ସମିତିରୁ ପ୍ରେରଣା ପାଇ ରାମପୁରର ଚାଷୀମାନେ ମଧ୍ୟ ନିଜ ଗାଁରେ ସମିତିଟିଏ ଗଠନ କଲେ । ଆସନ୍ତୁ, ଆମର ପଡ଼ୋଶୀ ଲଖନୀ ଗାଁକୁ ଯିବା ଓ ସେଠାକାର ଦୁଇ ଜଣ ଚାଷୀଙ୍କ କଥାବାର୍ତ୍ତା ଶୁଣିବା ଓ ଦୁଗ୍ଧ ସମିତି ସଭ୍ୟମାନଙ୍କ ଦାୟିତ୍ୱ ସମ୍ପର୍କରେ ଜାଣିବା ।

## ସଭ୍ୟମାନଙ୍କ ଦାୟିତ୍ୱ

ଲଖନୀ ଗାଁର ଚାଷୀମାନେ ଖୁବ୍ ପ୍ରଗତିଶୀଳ । କାରଣ ଅଧିକାଂଶ ଲୋକ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭ୍ୟ । ଗାଁର ଦୁଗ୍ଧ ଉତ୍ପାଦନ ପ୍ରାୟ ୧୨ଶହ ଲିଟର, ତହିଁରୁ ପ୍ରାୟ ୫ଶହ ଲିଟର କ୍ଷୀର ଗାଁର ଲୋକମାନେ ବ୍ୟବହାର କରନ୍ତି ଓ ବଳକା କ୍ଷୀର ସବୁ ବିକ୍ରି ହୋଇଥାଏ । ଏଥିରୁ ପାଖାପାଖି ୪୫୦ ଲିଟର ସମିତିରେ ସଂଗ୍ରହ ହୋଇଥାଏ । ସେଥିପାଇଁ ସମିତି ମଧ୍ୟ ବେଶ୍ ଲାଭ କରୁଛି ଓ ଏ ବର୍ଷ ସମସ୍ତ କ୍ଷୀର ଯୋଗାଉଥିବା ସଭ୍ୟମାନଙ୍କୁ ଲିଟର ପିଛା ପଚାଶ ପଇସା ହିସାବରେ ଲାଭାଂଶ ଦିଆଯାଇଥିଲା ।



ଶ୍ୟାମଲାଲକୁ ଲାଭାଂଶ ଆକାରରେ ଭଲ ଦୁଇ ପଇସା ମିଳିଛି ।

ଏଠାକାର ଚାଷୀମାନଙ୍କ ପାଖରେ ଭଲ ପ୍ରଜାତିର ଦୁଧିଆଳୀ ଗାଈ ମଧ୍ୟ ଅଛି । ସମିତିର ଜଣେ ସଭ୍ୟ ଶ୍ୟାମଲାଲ ପ୍ରାୟ ୨୦୦୦ ଟଙ୍କା ଲାଭାଂଶ ପାଇଥିଲେ ।

ଶ୍ୟାମଲାଲର ପଡ଼ୋଶୀ ଭଗୀରଥ ଯିଏ କି ଶ୍ୟାମଲାଲ ଠାରୁ ଅଧିକ ଦୁଗ୍ଧ ଉତ୍ପାଦନ କରନ୍ତି ମାତ୍ର ଏ ବର୍ଷ ସେ ଶ୍ୟାମଲାଲ ଭଳିଆ ଲାଭବାନ ହୋଇପାରିଲେ ନାହିଁ କାରଣ ଗତ ବର୍ଷ ଖରା ଦିନେ ଲିଟର ପିଛା ୫୦ ପଇସା ଅଧିକ ପାଇବାରୁ ସେ ସମିତିକୁ କ୍ଷୀର ନ ଦେଇ ଘରୋଇ ବ୍ୟବସାୟି କୁ କ୍ଷୀର



ସମିତିକୁ କ୍ଷୀର ନ ଦେବାରୁ ଭଗୀରଥର ବହୁତ କ୍ଷତି ହୋଇଛି ।

ଦେବା ଆରମ୍ଭ କରିଥିଲା । ଖରାଦିନ ସରିଯିବା ପରେ ଦୁଗ୍ଧବ୍ୟବସାୟୀ ତାକୁ ଠକିବା ଆରମ୍ଭ କରିଦେଲା । ଆଜି ଯେତେବେଳେ ଭଗୀରଥ ଜାଣିବାକୁ ପାଇଲା ଯେ, ଶ୍ୟାମଲାଲ ସମିତିକୁ ଯୋଗାଇଥିବା ଦୁଗ୍ଧର ମୂଲ୍ୟ ବ୍ୟତୀତ ଲାଭାଂଶ ଆକାରରେ ମଧ୍ୟ ୨୦୦୦ ଟଙ୍କା ପାଇଛି ତେଣୁ ସେ ଶ୍ୟାମଲାଲକୁ ଭେଟିବା ପାଇଁ ତା' ଘରକୁ ଯାଇଛି ।

ଭଗୀରଥ - କିପରି ଅଛ ଶ୍ୟାମଲାଲ ? ମୁଁ କ'ଣ ଶୁଣିବାକୁ ପାଇଲି ଯେ, ଏ ବର୍ଷ ତୁମେ ସମିତିରୁ ଲାଭାଂଶ ଆକାରରେ ଭଲ ଦି' ପଇସା ପାଇଲ ।

ଶ୍ୟାମଲାଲ - କେବଳ ମତେ ନୁହେଁ, ପ୍ରାୟ ସମସ୍ତ ସଭ୍ୟଙ୍କୁ ଏହା ମିଳିଛି ।

ଭଗୀରଥ -କିନ୍ତୁ, ମୁଁ ଯେତେବେଳେ ସମିତିର ସଭ୍ୟ ଥିଲି ସେତେବେଳେ ତ ଏମିତି କିଛି ବ୍ୟବସ୍ଥା ନ ଥିଲା ।

ଶ୍ୟାମଲାଲ - ହଁ, ସେ ସମୟରେ ସଭ୍ୟ ସଂଖ୍ୟା କମ୍ ଥିଲେ, ମାତ୍ର ୬୦ ଜଣ । ସେଥି ମଧ୍ୟରୁ ମାତ୍ର ୨୫ ଜଣ ସଭ୍ୟ ଖରାଦିନେ କ୍ଷୀର ଦେଉଥିଲେ । ସେ ସମୟରେ ପଶୁମାନଙ୍କୁ କୃତ୍ରିମ ପ୍ରଜନନ କରାଇବାର ବ୍ୟବସ୍ଥା ମଧ୍ୟ ନ ଥିଲା । ଅଳ୍ପ କେତେ ଜଣ ସଭ୍ୟ କେବଳ ସମିତି ସହିତ କାରବାର କରୁଥିଲେ । ଗୋ-ଖାଦ୍ୟ କ୍ଷେତ୍ରରେ ମଧ୍ୟ ଠିକ୍ ସେ ଅବସ୍ଥା ଥିଲା । ସେ ସମୟରେ ଦୁଗ୍ଧ ଉତ୍ପାଦକମାନେ ସମିତିର ସୁବିଧା ସୁଯୋଗଗୁଡ଼ିକୁ ଉପଯୋଗ କରିବା ପାଇଁ ଆଦୌ ଆଗ୍ରହୀ ନ ଥିଲେ । ଏଭଳି ପରିସ୍ଥିତିରେ ଦୁଗ୍ଧ ଉତ୍ପାଦନ କମ୍ ଓ ଖର୍ଚ୍ଚ ବେଶୀ ହେଉଥିବାରୁ ଚାଷୀମାନେ ମଧ୍ୟ ନିରାଶ ହୋଇ ପଡୁଥିଲେ ଫଳରେ ସମିତିର ଅବସ୍ଥା ଆହୁରି ଖରାପ ଥିଲା । ତେଣୁ ସେଇ ପରିସ୍ଥିତିରେ ଲାଭାଂଶ ବଣ୍ଟନର କଥା ପଚାରେ କିଏ ? ସେତିକିବେଳେ ତ ସମିତି ଚଳାଇବା ପାଇଁ ମଧ୍ୟ ଖର୍ଚ୍ଚ ବାହାରୁ ନ ଥିଲା ।

ଭଗୀରଥ - କିନ୍ତୁ ଏଥିରେ ଦୁଗ୍ଧ ଯୋଗାଉଥିବା ଲୋକର ଦାୟିତ୍ୱ କ'ଣ ?

ଶ୍ୟାମଲାଲ - ଏଥିରେ ଦୁଗ୍ଧ ଯୋଗାଉଥିବା ସଭ୍ୟମାନଙ୍କର ଦାୟିତ୍ୱ ହିଁ ସବୁଠି ବେଶୀ । ଯଦି ଏ ବର୍ଷ ଲାଭାଂଶ ଦିଆଯାଇଛି ତା' ହେଲେ ତା'ର ଶ୍ରେୟ ତ ସଭ୍ୟମାନଙ୍କ ପାଖକୁ ଯିବ, ଠିକ୍ ସେପରି ଲାଭାଂଶ ଯଦି ନ ମିଳିଲା ତା' ହେଲେ ମଧ୍ୟ ସଭ୍ୟମାନେ ହିଁ ଦାୟୀ ।

ଭଗୀରଥ - ଏହା କିପରି ସମ୍ଭବ ?



ଭଗୀରଥର ସମସ୍ତ ପ୍ରଶ୍ନର ଉତ୍ତର ଶ୍ୟାମଲାଲ ପାଖରେ ଅଛି ।



ମିଳିମିଶି ରହିଲେ ହିଁ ସମସ୍ତଙ୍କ ଲାଭ ।

ଶ୍ୟାମଲାଲ - ଏ ବର୍ଷ ସମିତିର ଦୁଗ୍ଧ ସଂଗ୍ରହ ୧୦୦ ଲିଟରରୁ ୪୫୦ଲିଟର ହୋଇ ସାରିଲାଣି ସଭ୍ୟ ସଂଖ୍ୟା ମଧ୍ୟ ୬୦ ରୁ ୨୦୦ ହେଇଗଲେଣି । ଆଉ ସେଥି ମଧ୍ୟରୁ ୧୨୦ ଜଣ ମହିଳା ସଭ୍ୟା । ସଭ୍ୟ ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ସମିତିରୁ ଯାବତୀୟ ସୁବିଧା ଅଧିକରୁ ଅଧିକ ମିଳିବାକୁ ଲାଗିଲା, ଯେପରିକି ଗାଈ/ମଇଁଷି ମାନଙ୍କ କୃତ୍ରିମ ପ୍ରଜନନରେ ୪ଗୁଣ ଓ ଗୋଖାଦ୍ୟ ବିକ୍ରିରେ ୩ ଗୁଣ ବୃଦ୍ଧି ହୋଇଛି । ଏବେ ଗାଁରେ ଚାଷୀମାନେ ଘାସ ଚାଷ ମଧ୍ୟ କଲେଣି । ମହିଳାମାନେ ଅଂଶଗ୍ରହଣ କରିବା ଫଳରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ପ୍ରତ୍ୟେକ ଘରକୁ ପହଞ୍ଚି ପାରୁଛି । ତୁମେ କହିଲ ଦେଖି - ଯଦି ସଭ୍ୟମାନେ ସମିତିରେ ପରିଷ୍କାର ଦୁଗ୍ଧ ନ ଦେବେ ତା' ହେଲେ ସମିତି କ'ଣ ଲାଭ କରିପାରିବ ?

ଭଗୀରଥ - କିନ୍ତୁ ଏସବୁ କଥା ମତେ କେହି ବି କହି ନ ଥିଲେ ।

ଶ୍ୟାମଲାଲ - କିଛି କଥା ନାହିଁ । ଯେତେବେଳେ ଉଠିଲ ସେତେବେଳେ ସକାଳ ହେଲା ଭାବିନିଅ । ଠିକ୍ କଥାଟି ନ ଜାଣିଲେ କ୍ଷତି ତ ନିଶ୍ଚୟ ହେବ । ଏଥି ସକାଶେ ସଭ୍ୟମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଜଣାଇବା ପାଇଁ ସମିତିର ସଭ୍ୟ ଓ ପରିଚାଳନା କମିଟିର ସଭ୍ୟମାନଙ୍କ ପାଇଁ ତାଲିମ୍ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥାଏ ।

ଭଗୀରଥ - ତା' ହେଲେ ଏହାର ଅର୍ଥ ହେଲା ଯେ, ଆଜିକାଲି ସମସ୍ତ ସଭ୍ୟ ନିଜ ନିଜର ଦାୟିତ୍ୱ ଠିକ୍ ଭାବେ ପାଳନ କରୁଛନ୍ତି ।

ଶ୍ୟାମଲାଲ - ଏହି ପ୍ରଶିକ୍ଷଣ ଅବସରରେ କେବଳ ଦାୟିତ୍ୱ ଗୁଡ଼ିକ ସ୍ଥିର କରାଯାଏ ନାହିଁ ବରଂ ଦାୟିତ୍ୱ ଠିକ୍ ଭାବରେ ନିର୍ବାହ ହେଉଛି କି ନାହିଁ ତାହା ମଧ୍ୟ ତଦାରଖ କରିବାର ବ୍ୟବସ୍ଥା କରାଯାଇଛି । ସମିତି କାର୍ଯ୍ୟାଳୟରେ ସଭ୍ୟମାନଙ୍କ ଦାୟିତ୍ୱ ସମ୍ପର୍କରେ ଏକ ତାଲିକା ପ୍ରସ୍ତୁତ କରାଯାଇଛି ; ଯାହାର ଗୋଟିଏ କପି ମଧ୍ୟ ଆପଣ ସମିତିରୁ ପାଇପାରିବେ ।

ଭଗୀରଥ - ହଁ, ମତେ ମଧ୍ୟ ମୋର ଭୁଲ୍ ସୁଧାରିବାକୁ ପଡ଼ିବ ।

ଶ୍ୟାମଲାଲ - ଆଜ୍ଞା ହଁ, ଅନ୍ତତଃ ବିଳମ୍ବରେ ହେଲେ ବି ନିଜର ଭୁଲ୍ ତ ବୁଝି ପାରିଛନ୍ତି ।

ଭଗୀରଥ - ଆପଣ ଠିକ୍ କହୁଛନ୍ତି ।

ଶ୍ୟାମଲାଲ - ଏହି ତାଲିକାରେ ସଭ୍ୟମାନଙ୍କ ସାତୋଟି ନିୟମ ଲେଖା ଯାଇଛି । ମୋର ବିଚାରରେ ସପ୍ତାହର ସାତ ଦିନର ନାମ ଯେପରି ସମସ୍ତ ସଭ୍ୟ ମନେ ରଖିଛନ୍ତି ଠିକ୍ ସେପରି ଏହି ସାତଟି ନିୟମକୁ ମଧ୍ୟ ସମସ୍ତେ ମନେ ରଖିବା ଉଚିତ୍ ।

ଭଗୀରଥ - ଏ ଦାୟିତ୍ୱଗୁଡ଼ିକ କ'ଣ କ'ଣ ?

ଶ୍ୟାମଲାଲ - ପ୍ରଥମ ଦାୟିତ୍ୱ ହେଲା ଯେ, ସମସ୍ତ ସଭ୍ୟ ପରିଷ୍କାର ଓ କୌଣସି ଅପମିଶ୍ରଣ ହୋଇ ନ ଥିବା କ୍ଷୀର ସମିତିରେ ନିୟମିତ ଦିଅନ୍ତୁ । ଘରୋଇ ଦୁଗ୍ଧ ବ୍ୟବସାୟୀଙ୍କୁ ଆଦୌ କ୍ଷୀର ବିକ୍ରି କରନ୍ତୁ ନାହିଁ, ଏଥିରେ କୌଣସି ଲାଭ ନାହିଁ ।

ଭଗୀରଥ - ମୁଁ ତ ଏହା ଦେଖି ସାରିଲିଣି ଯେ, ଘରୋଇ ବ୍ୟବସାୟୀ ଦରକାର ପଡ଼ିଲେ ଗଧକୁ ମଧ୍ୟ କାକା ବୋଲି କହିବା ନୀତିକୁ ଆପଣେଇ ଥାଏ ।

ଶ୍ୟାମଲାଲ - ଦ୍ୱିତୀୟ ଦାୟିତ୍ୱ ହେଲା ଯେ, ସମସ୍ତ ସଭ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ହିଁ ସମିତିକୁ କ୍ଷୀର ପହଞ୍ଚାଇବେ କାରଣ, ଦୁଗ୍ଧ ବ୍ୟବସାୟରେ ସମୟର ଖୁବ୍ ଗୁରୁତ୍ୱ ରହିଛି ନଚେତ୍ କ୍ଷୀରର ଗୁଣାତ୍ମକମାନ ଅତି ଶୀଘ୍ର ହ୍ରାସ ହୋଇଯାଏ । ଏଥିରେ ବିଶେଷ ବ୍ୟବସାୟିକ କ୍ଷତି ହୋଇଥାଏ ।

ଭଗୀରଥ - ଆମ ସମିତିରେ ଏମିତି କେତେ ଜଣ ସଭ୍ୟ ଥିଲେ ଯେଉଁମାନେ କି ପ୍ରାୟ ସବୁଦିନ ଦୁଗ୍ଧ ପରିବହନ ଗାଡ଼ି ଗଲା ପରେ ହିଁ କ୍ଷୀର ଧରି ସମିତିକୁ ଆସୁଥିଲେ ।

ଶ୍ୟାମଲାଲ - ତୃତୀୟ ଦାୟିତ୍ୱ ହେଲା ସଭ୍ୟ ଏମିତି କୌଣସି କାମ କରିବ ନାହିଁ ଯେଉଁଥିରେ କି ସମିତି ବଦନାମ ହେବ । ଉଦାହରଣ ସ୍ୱରୂପ ଯଦି କିଛି ସଭ୍ୟ ନିଜର ଫାଇଦା ପାଇଁ ଦୁଗ୍ଧ ସଂଗ୍ରହ କରି ବେପାର କରନ୍ତି ତା' ହେଲେ ମଧ୍ୟ ସମିତି ବଦନାମ ହୋଇଥାଏ । ଚତୁର୍ଥ ଦାୟିତ୍ୱ ହେଲା ପରିଚାଳନା ସମିତିର ସଭ୍ୟ ହେବା ପାଇଁ ଏମିତି ସଭ୍ୟମାନଙ୍କୁ ନିର୍ବାଚିତ କରାଯାଉ ଯିଏ କି ସମିତି ପାଇଁ ସମୟ ବାହାର କରି କିଛି କାମ କରିପାରିବ ଓ ସମସ୍ତଙ୍କ ବିଶ୍ୱସ୍ତ ହୋଇଥିବ ।

ଭଗୀରଥ - ମୁଁ ତ ଏସବୁ ଦିଗ ପ୍ରତି କେବେ ଭାବି ନ ଥିଲି । ଏ ସବୁ ଦାୟିତ୍ୱ ସତରେ ଗୋଟିଏ ସଂସ୍ଥାର ମାଲିକ ପାଖରେ ହିଁ କେବଳ ରହିଥାଏ ।

ଶ୍ୟାମଲାଲ - ପଞ୍ଚମ ଦାୟିତ୍ୱ ହେଲା ଯେ - ସମସ୍ତ ସଭ୍ୟ ସମିତି ପ୍ରତି ନିହାତି ବିଶ୍ୱସ୍ତ ହେବା ଉଚିତ୍ । ଘରୋଇ ବ୍ୟବସାୟୀ ହୁଏତ କିଛି ଦିନ ପାଇଁ ଦୁଇ ପଇସା ଅଧିକ ଦେଇପାରେ କିନ୍ତୁ ଆମେ ସମିତି ପ୍ରତି କେବେ ବେଇମାନୀ କରିବା ନାହିଁ । ଯଦି ଆମେ ସଂସ୍ଥା ପ୍ରତି ବିଶ୍ୱସ୍ତ ଓ କୃତଜ୍ଞ ରହିବା ନାହିଁ ତା' ହେଲେ ତାହା ନିଜ ପାଇଁ ଓ ସମିତି ପାଇଁ ମଧ୍ୟ କ୍ଷତି ସାବ୍ୟସ୍ତ ହୋଇଥାଏ ।



ସଭ୍ୟମାନେ ନିଜର ଦାୟିତ୍ୱଗୁଡ଼ିକ ସବୁବେଳେ ମନେ ରଖିବା ଉଚିତ୍ ।

ଭଗୀରଥ - ମୁଁ ନିଜେ ଏହାର ଭୁକ୍ତଭୋଗୀ ଅଟେ । ଖରା ଦିନେ ବେପାରୀଠାରୁ ଲିଟର ପିଛା ୫୦ ପଇସା ଅଧିକ ପାଇବା ଅପେକ୍ଷା ବରଂ ସମିତିରେ ବର୍ଷ ସାରା କ୍ଷୀର ଦେଇ ଉଚିତ୍ ମୂଲ୍ୟ ପାଇବା ସଙ୍ଗେ ସଙ୍ଗେ ଲିଟର ପିଛା ୫୦ ପଇସା କାହିଁକି ଲାଭାଂଶ ନ ପାଇବା ?

ଶ୍ୟାମଲାଲ - ସଦସ୍ୟମାନଙ୍କର ଅନ୍ୟ ଏକ ଦାୟିତ୍ୱ ହେଲା ଯେ, ସଭାରେ ସମସ୍ତ ସଭ୍ୟ ନିଶ୍ଚିତ ଭାବରେ ଭାଗ ନେବେ । ଯେଉଁ ସଭ୍ୟ ପ୍ରତ୍ୟେକ ସଭାରେ ଭାଗ ନେଉ ନାହାଁନ୍ତି ସେମାନେ ନିଜର ମାଲିକାନା ସତ୍ତ୍ୱ ଓ ଅଧିକାର ହରାଇ ବସିଥାନ୍ତି । ଏଥି ସହିତ ସଭ୍ୟମାନଙ୍କ ଅନ୍ୟ ଏକ ଦାୟିତ୍ୱ ହେଲା ଯେ - ସେମାନେ ପ୍ରତ୍ୟେକ ସଭାରେ ଉପସ୍ଥିତ ରହି ଦେଖିବା ଉଚିତ୍ ଯେ, ପରିଚାଳନା କମିଟି ବର୍ଷ ସାରା ଠିକ୍ କାମ କରୁଛି କି ନାହିଁ ? ପୁନର୍ବାର ସେମାନଙ୍କୁ ଦିଆଯାଇଥିବା ଅଧିକାରର ସଦୁପଯୋଗ କରୁଛନ୍ତି କି ଦୁରୁପଯୋଗ ତାହା ମଧ୍ୟ ଲକ୍ଷ୍ୟ କରିବା ଉଚିତ୍ କାରଣ ସମିତିର ଲାଭକ୍ଷତି ସମିତିର ସଭ୍ୟମାନଙ୍କ ଉପରେ ହିଁ ନିର୍ଭର କରିଥାଏ ।

ଭଗୀରଥ - ଏହା ଠିକ୍ କଥା ତ - ଯେମିତି ମାଲିକକୁ ସେମିତି କ୍ଷେତ ।

ଶ୍ୟାମଲାଲ - ସପ୍ତମ ଦାୟିତ୍ୱ ହେଲା ନିଜ ସମିତିରୁ ମିଳୁ ଥିବା ବୈଷୟିକ ସେବାଗୁଡ଼ିକୁ ନିଜର ଅଧିକାର ଭାବି ମାଗିବା ଓ ତା'ର ସଫଳ ପ୍ରୟୋଗ କରିବା । ଯଦି ସଦସ୍ୟମାନେ ଏହି ଦାୟିତ୍ୱକୁ ଠିକ୍ ଭାବେ ତୁଲାଇ ପାରିବେ ତା' ହେଲେ ଦୁଗ୍ଧ ଉତ୍ପାଦନ ପାଇଁ ବଢ଼ି ଚାଲୁଥିବା ଖର୍ଚ୍ଚ କେବଳ କମି ନ ଥାଏ ବରଂ ଏ ସମ୍ବନ୍ଧୀୟ ନୂତନ ତଥ୍ୟ ମଧ୍ୟ ଜାଣିବାକୁ ମିଳିଥାଏ ।

ଭଗୀରଥ - ମୁଁ ତ ଏହା ନିଷ୍ପତ୍ତି କରିସାରିଛି ଯେ, ଏହି ସାତୋଟି ଦାୟିତ୍ୱ ସପ୍ତାହର ସାତ ଦିନ ପରି ମନେ ରଖିବି ଏବଂ ଏହାକୁ ପାଳନ ମଧ୍ୟ କରିବି ।

କ'ଣ ଆପଣ ମଧ୍ୟ ଭଗୀରଥ ପରି ଏହି ଦାୟିତ୍ୱଗୁଡ଼ିକୁ ସପ୍ତାହର ସାତ ଦିନ ପରି ମନେ ରଖିବା ପାଇଁ ଚାହିଁବେ ଓ ଏସବୁକୁ ପାଳନ କରି ନିଜ ସମିତିକୁ ଏକ ଆଦର୍ଶ ଦୁଗ୍ଧ ସମିତି ରୂପେ ଗଢ଼ିବାକୁ ଚାହିଁବେ କି ?

## କେତୋଟି ଚିନ୍ତା କରିବା କଥା

- ଲଖନୀ ଗାଁର ଉତ୍ପାଦିତ ଦୁଗ୍ଧର ପରିମାଣ କେତେ ?
- ଶ୍ୟାମଲାଲକୁ ଲାଭାଂଶ ଭାବେ କେତେ ଟଙ୍କା ମିଳିଥିଲା ?
- ଭଗୀରଥ ସମିତିକୁ ଦୁଗ୍ଧ ଦେବା କାହିଁକି ବନ୍ଦ କରି ଦେଇଥିଲା ?
- ଶ୍ୟାମଲାଲକୁ ପୂର୍ବ ଦୁଇ ବର୍ଷର ଲାଭାଂଶ ଦିଆ ନଯିବାର କାରଣ କ'ଣ ଥିଲା ?
- ସମିତିରେ ମହିଳା ସଭ୍ୟାମାନଙ୍କ ସଂଖ୍ୟା ବଢ଼ିବା ଫଳରେ କ'ଣ ସବୁ ସକାରାତ୍ମକ ଲାଭ ହୋଇଥାଏ ?
- ଶ୍ୟାମଲାଲ ସମିତିର ସଭ୍ୟମାନଙ୍କୁ କେତୋଟି ଦାୟିତ୍ୱ ସମ୍ପର୍କରେ ବତାଇ ଥିଲେ ?

## ମନେ ରଖ

ଯେପରି ସପ୍ତାହକ ସାତଦିନ ଠିକ୍ ସେପରି ସମିତିର ସଭ୍ୟମାନଙ୍କ ମଧ୍ୟ ସାତୋଟି କାମ ।

# ଗୋଟିଏ କାହାଣୀ



ଗୋଟିଏ ଦେଶରେ ଜଣେ ରାଜା ଥିଲେ । ସେ ନିଜ ରାଜ୍ୟରେ ଦିନେ ଘୋଷଣା କଲେ ଯେ, ରାଜ୍ୟର ସମସ୍ତ ପ୍ରଜା ଏକ ବିଶେଷ ପୂଜା ପାଇଁ ଲୋଟାଏ ଲେଖାଏଁ କ୍ଷୀର ରାଜଭବନ ସାମ୍ନାରେ ରଖା ହୋଇଥିବା ହାଣ୍ଡିରେ ଢ଼ାଳିବେ । ରାଜା ଭାବିଲେ ଯେ, ଏହା ଦ୍ୱାରା ପୂଜାରେ ରାଜ୍ୟର ସମସ୍ତ ପ୍ରଜାଙ୍କ ଭାଗିଦାରୀ ରହିବ ।

ଏହା ଶୁଣି ଜଣେ ଲୋକ ଭାବିଲା ଯେ, ସମସ୍ତେ ତ କ୍ଷୀର ହାଣ୍ଡିରେ କ୍ଷୀର ଢ଼ାଳିବେ, ମୁଁ ଏକା ଯଦି ଲୋଟାଏ ପାଣି ଢ଼ାଳି ଦେବି ତା' ହେଲେ କ୍ଷତି କ'ଣ ? ଅନ୍ୟମାନେ ମଧ୍ୟ ଠିକ୍ ଏପରି ଭାବିଲେ । ଶେଷରେ ରାଜ୍ୟର ସମସ୍ତ ଲୋକ ହିଁ ଏପରି ଭାବିଲେ ।

ତହିଁ ଆରଦିନ ସକାଳେ ରାଜା ଆସି ଦେଖିଲେ ଯେ, ହାଣ୍ଡିରେ କେବଳ ପାଣି ଆଉ ପାଣି । ଏପରିକି ଗୋଟିଏ ବୁନ୍ଦା ବି କ୍ଷୀର ନ ଥିଲା । ତା'ର କାରଣ ଯେହେତୁ ସମସ୍ତେ ଭାବିଲେ ଯେ, ଏତେ ବଡ଼ କ୍ଷୀର ହାଣ୍ଡିରେ ମୁଁ ଏକା ଲୋଟାଏ ପାଣି ଢ଼ାଳି ଦେଲେ ଆଦୌ ଜଣାପଡ଼ିବ ନାହିଁ । ତେଣୁ ଶେଷରେ ସାରା ହାଣ୍ଡିଟା କେବଳ ପାଣିରେ ହିଁ ପରିପୂର୍ଣ୍ଣ ହୋଇଗଲା ।

ଠିକ୍ ସେହିପରି ଦୁଗ୍ଧ ସମିତିର ସଫଳତାର ରହସ୍ୟ ସମିତିର ସଭ୍ୟମାନଙ୍କର ଦାୟିତ୍ୱ ଓ ଭାଗିଦାରୀ ଉପରେ ନିର୍ଭର କରିଥାଏ । ଏ ସବୁର ଅଭାବ ହେଲେ ସମିତିର ଦୁର୍ଦ୍ଦଶା ମଧ୍ୟ ବିଚରା ରାଜା ପରି ହୋଇଥାଏ ।



## ପ୍ରଶ୍ନ

ନିମ୍ନଲିଖିତ ସମିତିମାନଙ୍କ ମଧ୍ୟରୁ କେଉଁ ଗୋଟିକ ଏକ ଆଦର୍ଶ ଦୁଗ୍ଧ ସମିତି । ଯଦି କୌଣସିଟା ନୁହେଁ ତା' ହେଲେ ସେଠାରେ କ'ଣ କ'ଣ ଅଭାବ ରହିଛି ?

» ନାରାୟଣପୁର ଗାଁରେ ଦୁଗ୍ଧ ସମିତିର ଅଧା ସଭ୍ୟ କେବଳ ତିନି ମାସ ସମିତିରେ କ୍ଷୀର ଦେଇଥାନ୍ତି, ତାହା ମଧ୍ୟ କେବଳ ନଭେମ୍ବର ମାସରୁ ଜାନୁୟାରୀ ମାସ ପର୍ଯ୍ୟନ୍ତ ।

» ଭୋଇପାଲି ଦୁଗ୍ଧ ସମିତି ଗତ ୫ ବର୍ଷ ହେଲା ୩୦୦ ଲିଟର କ୍ଷୀର ସଂଗ୍ରହ କରୁଛି । ଫଳରେ ଗାଁରେ ଦୁଗ୍ଧ ବ୍ୟବସାୟ ବଢ଼ିଛି ଓ ଦୁଗ୍ଧବ୍ୟବସାୟୀଙ୍କ ସଂଖ୍ୟା ମଧ୍ୟ ପୂର୍ବାପେକ୍ଷା ଦୁଇଗୁଣ ହୋଇଯାଇଛି ।

» ଧଣ୍ଡାମୁଣ୍ଡା ଦୁଗ୍ଧ ସମିତିର ପଡ଼ୋଶୀ ଗ୍ରାମ ଯୋଗୀମାଳର କ୍ଷୀର ଆସି ନ ପାରିବାର କାରଣ ସେଠାକାର ଲୋକ ନିଜ ପାଇଁ ଏକ ସ୍ୱତନ୍ତ୍ର ସମିତି ଖୋଲିବାକୁ ଚାହୁଁଛନ୍ତି । ଯେହେତୁ ସେମାନେ ଦୁଇ ବର୍ଷ ପର୍ଯ୍ୟନ୍ତ କ୍ଷୀର ଦେବା ପରେ ମଧ୍ୟ ପରିଚାଳନା କମିଟୀ ସେମାନଙ୍କୁ ସମିତିର ସଭ୍ୟପଦ ଦେବାକୁ ମନା କରି ଦେଲେ ।

» ଉଜଲପୁର ସମିତିର ଅଧ୍ୟକ୍ଷ ପରିଚାଳନା କମିଟୀର ବୈଠକ ମାତ୍ର ୪ ଜଣ ସଭ୍ୟଙ୍କୁ ନେଇ କରିଥାନ୍ତି ଓ ସଭା ଖାତାରେ ପ୍ରସ୍ତାବ ଲେଖିବା ପରେ ଅନ୍ୟ ୪ ଜଣ ସଭ୍ୟଙ୍କ ଦସ୍ତଖତ କରାଇ ନେଇଥାନ୍ତି ।

ଲଖନୀ ଦୁଗ୍ଧ ସମିତି ଉନ୍ନତିର କାରଣ କ'ଣ ? ଏହା ଆମେ ଶ୍ୟାମଲାଲ ଠାରୁ ଜାଣିବାକୁ ପାଇଲୁ । ସେ ସଦସ୍ୟମାନଙ୍କ ଦାୟିତ୍ୱ ସମ୍ପର୍କରେ ମଧ୍ୟ ଆମକୁ ଅବଗତ କଲେ । ସମିତିର ସମସ୍ତ ସଭ୍ୟ ଯଦି ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଜାଣିବେ ତା' ହେଲେ ସମିତି ନିଶ୍ଚୟ ଆଗକୁ ବଢ଼ିବ । ସମିତିକୁ ଯଦି ଆହୁରି ଆଗକୁ ବଢ଼ାଇବାକୁ ଚାହିଁବେ ତା' ହେଲେ ସମିତିର ଭବିଷ୍ୟତ ଯୋଜନା ସ୍ଥିର କରି ତାକୁ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା କରିବାକୁ ପଡ଼ିବ ।

## ଆଦର୍ଶ ଦୁଗ୍ଧ ସମିତି

ଅମରପୁର ଦୁଗ୍ଧ ସମିତି ତାଙ୍କ ଗ୍ରାମର ଗର୍ବ ଅଟେ । ଆଜି ଏଥିରେ ୫୦୦ ଜଣ ସଭ୍ୟ ଅଛନ୍ତି । ଏଥି ମଧ୍ୟରୁ ୨୭୫ ଜଣ ମହିଳା ସଭ୍ୟା । ସମିତିରେ ସକାଳେ ଓ ସନ୍ଧ୍ୟାରେ ମିଶି ୧୫୦୦ ଲିଟର କ୍ଷୀର ସଂଗ୍ରହ ହୋଇଥାଏ । ଗାଁର ସର୍ବମୋଟ ଦୁଗ୍ଧ ଉତ୍ପାଦନ ୨୫୦୦ ଲିଟର । ଗାଁରେ ୨୦୦ଟି ଗାଈ ଓ ୩୦୦ଟି ମଇଁଷି ଅଛନ୍ତି । ସେମାନଙ୍କ ମଧ୍ୟରୁ ୫୦ଟି ଗାଈ ଉନ୍ନତ ପ୍ରଜାତିର । ଗାଁରେ ଯେବେ କ୍ଷୀରର ଆବଶ୍ୟକତା ପଡ଼ିଥାଏ ତେବେ ଗ୍ରାମବାସୀ ସମିତି ଠାରୁ ହିଁ କ୍ଷୀର କିଣି କରି ନେଇଥାନ୍ତି । ଗାଁର



ସମିତିର ବୈଠକରେ ସବୁ ବିଷୟ ଉପରେ ଆଲୋଚନା ହୋଇଥାଏ ।

ଜନସଂଖ୍ୟା ପ୍ରାୟ ୨୫୦୦, ଗୋଟିଏ ମାଧ୍ୟମିକ ସ୍କୁଲ, ପୋଷ୍ଟ ଅଫିସ ଏବଂ ବ୍ୟାଙ୍କଟିଏ ମଧ୍ୟ ଅଛି । ସମିତିର ପରିଚାଳନା କମିଟୀର ସଭ୍ୟମାନଙ୍କ ପ୍ରଚେଷ୍ଟାରେ ହିଁ ଗାଁରେ ବ୍ୟାଙ୍କର ଏକ ଶାଖା ମଧ୍ୟ ଖୋଲାଯାଇଛି ।

ଅମରପୁର ସମିତି ଗତ ପାଞ୍ଚ ବର୍ଷରେ ତା'ର ଦୁଗ୍ଧକ୍ରୟ ମୂଲ୍ୟ ପ୍ରତିବର୍ଷ ପ୍ରାୟ ୨୦% ଲେଖାଏଁ ବୃଦ୍ଧି କରି ଚାଲିଛି । ସେଠାରେ ପ୍ରଥମେ ଦୁଗ୍ଧ ବିକ୍ରି କରିବାର ପରମ୍ପରା ନ ଥିଲା ; ତାର ମୁଖ୍ୟ କାରଣ ହେଲା କ୍ଷୀରର ଉଚିତ୍ ଦାମ୍ ମିଳୁ ନ ଥିଲା । ପାଖ ଗାଁର ଦୁଗ୍ଧ ବ୍ୟବସାୟୀ ହରିଆ ତା'ର ସର୍ତ୍ତ ଅନୁଯାୟୀ କ୍ଷୀର ନେଉଥିଲା । କେବେ କେବେ କ୍ଷୀର ନେବାକୁ ମନା ମଧ୍ୟ କରି ଦେଉଥିଲା; କିନ୍ତୁ ବର୍ତ୍ତମାନ ଏଠିକାର ଚାଷୀମାନଙ୍କ ପାଇଁ କ୍ଷୀର ବ୍ୟବସାୟ ତାଙ୍କ ରୋଜଗାରର ଏକ ମାଧ୍ୟମ ହୋଇଯାଇଛି । ତଥାପି ହରିଆ ବାରମ୍ବାର ଚେଷ୍ଟା କରିଛି, ଚାଷୀମାନଙ୍କୁ କ୍ଷୀରର ସଠିକ୍ ମୂଲ୍ୟ ତଥା ଅଗ୍ରୀମ ଆକାରରେ ମୋଟା ଅଙ୍କର ପ୍ରଲୋଭନ ଦେଖାଇ ସମିତିକୁ ଭାଙ୍ଗି ଦେବା ପାଇଁ । ଏସବୁ ଦେଖି ପରିଚାଳନା କମିଟିର ସଭ୍ୟମାନେ ସମିତିର ସମସ୍ତ ସଭ୍ୟମାନଙ୍କ ଘରକୁ ଯାଇ ତାଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସମିତିର ପରିଚାଳନା କମିଟିର ବୈଠକରେ ସେ ସବୁର ବିଶଦ୍ ଆଲୋଚନା କଲେ । ସମସ୍ତ କମିଟି ସଭ୍ୟ ସାଧାରଣ ସଭ୍ୟମାନଙ୍କୁ ଛୋଟ ଛୋଟ ଦଳ କରି ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସାକ୍ଷାତ୍ କରିବା ପାଇଁ ଏକ ଯୋଜନା ତିଆରି କଲେ । ଗାଁର ପ୍ରତ୍ୟେକ ପଡ଼ାରେ ଥିବା ଗାଈ ମଇଁଷିମାନଙ୍କ ଦୁଗ୍ଧ ଉତ୍ପାଦନର ହିସାବ, ସମିତିର ଲାଭ ଇତ୍ୟାଦି ଉପରେ ସବୁବେଳେ ତୀକ୍ଷ୍ଣ ଦୃଷ୍ଟି ରଖିଲେ ।

ସମିତିର ଜନୈକ ସଭ୍ୟ ସୁରେଶ ପ୍ରଧାନ ସମିତିକୁ ଏକାଥରକେ ୩୦ ଲିଟର କ୍ଷୀର ଆଣିବା ପାଇଁ ଅସମର୍ଥତା ପ୍ରକାଶ କରି ସହରର ଜଣେ ବ୍ୟବସାୟୀକୁ କ୍ଷୀର ଦେବା ପାଇଁ ମନସ୍ଥ କଲେ କାରଣ ସେ ଘରକୁ ଆସି ସବୁଯାକ କ୍ଷୀର ନେଇଯିବାକୁ ପ୍ରତିଶ୍ରୁତି

ଦେଇଥିଲେ । ଏହା ଜାଣିବା ପରେ କମିଟି ସଦସ୍ୟ ମାନେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସୁରେଶ ପ୍ରଧାନଙ୍କ ସହ କଥାବାର୍ତ୍ତା କରି କ୍ଷୀର ବୋହି ଆଣିବା ଅର୍ଥାତ୍ ଶୀର୍ଷବାହକ ବାବଦକୁ ୨୦୦ ଟଙ୍କା ଦେବାକୁ ବ୍ୟବସ୍ଥା କଲେ । ଏଥିରେ ସୁରେଶ ଖୁସି ହେବା ସଙ୍ଗେ ସଙ୍ଗେ ସମିତି ସହ ଯୋଡ଼ି ହୋଇଗଲେ ।

ଏତଦ୍ ବ୍ୟତୀତ ସମିତି ତା'ର ଲାଭ ପାଇଁ ଏକ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରିଛି ; ଯେଉଁଥିରେ କି ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ, ସମିତିର ଗତିବିଧି ଓ ତା'ର ଲକ୍ଷ୍ୟ ସ୍ଥିର କରାଯାଇଛି । ଏହି ବ୍ୟବସାୟିକ ଯୋଜନାକୁ ପ୍ରତି ମାସ ପରିଚାଳନା ସମିତି ବୈଠକରେ ଆଲୋଚନା କରାଯାଇଥାଏ । ଗତ ୫ ବର୍ଷ ଭିତରେ ସଂଘ କେବେ ମଧ୍ୟ ସମିତି ଠାରୁ କ୍ଷୀର ନେବାକୁ ମନା କରି ନାହିଁ । ସମିତି ଦୁଗ୍ଧର ଗୁଣାତ୍ମକ ମାନରେ ଉନ୍ନତି ଆଣିବା ପାଇଁ ଗତ ବର୍ଷ ପରିଷ୍କାର ଦୁଗ୍ଧ ଉତ୍ପାଦନ ଅଭିଯାନ ଆରମ୍ଭ କରିଥିଲା ; ଯାହାର ପରିଣାମ ସ୍ୱରୂପ ସମିତି ସ୍ତରରେ କ୍ଷୀରର ଏମ୍.ବି.ଆଇ.ଟି. ଶୀତ ଦିନରେ ୬ ଘଣ୍ଟାରୁ ଅଧିକ ଓ ଖରା ଦିନେ ପାଖାପାଖି ୪ ଘଣ୍ଟା ରହିଥାଏ । ଚାଷୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଦୁହିଁବାର ଅଧାଘଣ୍ଟା ଭିତରେ ସେମାନଙ୍କ କ୍ଷୀର ସମିତିକୁ ନିଶ୍ଚିତ ଭାବରେ ପହଞ୍ଚିବ । ସଭ୍ୟମାନେ ସମିତିକୁ କ୍ଷୀର ଆଣିବା ପାଇଁ ଗାଁର ପ୍ରତ୍ୟେକ ପଡ଼ାକୁ ଅଲଗା ସମୟ ଦିଆଯାଇଛି । ସମିତିରେ ଦୁଗ୍ଧ ଶୀତଳୀକରଣ ଯନ୍ତ୍ର ମଧ୍ୟ ଅଛି ।

ଗତ ବର୍ଷ ଅମରପୁର ସମିତି ସଂଘର ସବୁଠାରୁ ଶ୍ରେଷ୍ଠ ସମିତି ରୂପେ ବିବେଚିତ ହୋଇ ସଂଘର ବାର୍ଷିକ ସାଧାରଣ ସଭାରେ ତାକୁ ଏକ ପ୍ରଶଂସାପତ୍ର ମଧ୍ୟ ଦିଆଯାଇଥିଲା ।



ଶୀତଳୀକରଣ ଯନ୍ତ୍ର ।

ଆଦର୍ଶ ସମିତି ନିରୂପଣ ପାଇଁ ନିର୍ଦ୍ଧାରିତ ମାନଦଣ୍ଡ ହେଲା:-

- ସମିତିରେ ୯୦%ରୁ ଅଧିକ ସକ୍ରିୟ ସଭ୍ୟ ହେବା ଉଚିତ୍ । ଘରୋଇ ବ୍ୟବହାର ପରେ ମୋଟ୍ ବଳକା ଦୁଗ୍ଧକୁ ଯେ ପ୍ରତିଦିନ କେବଳ ସମିତିରେ ହିଁ ଯୋଗାଇ ଥାଏ ତାକୁ ହିଁ ସକ୍ରିୟ ସଭ୍ୟ କୁହାଯାଇଥାଏ ।
- ସମିତିର ଦୁଗ୍ଧକ୍ରୟ ବିଗତ ବର୍ଷ ତୁଳନାରେ ପ୍ରାୟ ୫% ନିଶ୍ଚୟ ବଢ଼ିଥିବ ।
- ସମିତି ୩ ବର୍ଷର ଏକ ବ୍ୟବସାୟିକ ଲକ୍ଷ୍ୟ ସ୍ଥିର କରିଥାଏ ଓ ଆଗାମୀ ବର୍ଷ ପାଇଁ ଏକ ବ୍ୟବସାୟିକ ଯୋଜନା ବ୍ୟାପକ ଭାବେ ତିଆରି କରି ସମିତିର ପ୍ରତ୍ୟେକ ସଭ୍ୟଙ୍କୁ ଏକ ଦାୟିତ୍ୱ ହସ୍ତାନ୍ତର କରାଯାଇଥାଏ । ଏହି ବ୍ୟବସାୟିକ ଯୋଜନାର ଏକ ବଡ଼ ତାଲିକା ପ୍ରସ୍ତୁତ କରି ସମିତିରେ ଛପା ଯାଇଥାଏ; ଯାହାକି ସମିତିର ସମସ୍ତ ସଭ୍ୟ ଦେଖି ପାରିବେ ଓ ପଢ଼ି ପାରିବେ ।

» ପରିଚାଳନା ସମିତିର ବୈଠକ ବିଗତ ବର୍ଷରେ ପ୍ରାୟ ୧୦ ଥର ନିଶ୍ଚିତ ଭାବେ ହୋଇଥିବ ଓ ତହିଁରେ ପ୍ରାୟ ୮୦% ସଭ୍ୟ ଯୋଗଦାନ କରିଥିବେ ।

» ସମିତିର ସମସ୍ତ ରେକର୍ଡପତ୍ର ନିୟମିତ ଭାବରେ ପରୀକ୍ଷା କରାଯାଇ ତଦନୁସାରେ ସଭ୍ୟମାନଙ୍କୁ ଦୁଗ୍ଧ ମୂଲ୍ୟ ଦିଆଯାଇଥାଏ ।

» ସମିତି ପରିଚାଳନା କରିବାର ସମସ୍ତ ଖର୍ଚ୍ଚ ସମିତିରେ ହୋଉଥିବା ମୋଟ ବ୍ୟବସାୟର ୪%ରୁ କମ୍ ହେଉଥିବ ।



ମିଲ୍କୋଟେଷ୍ଟର ।

» ବିଗତ ବର୍ଷ ସମିତି ସଭ୍ୟମାନଙ୍କୁ ଠିକ୍ ସମୟରେ ଦୁଗ୍ଧ ବିଲ୍ ପଇଠ କରିଥିବ ।

» ସଭ୍ୟମାନଙ୍କ ଜ୍ଞାନର ଅଭିବୃଦ୍ଧି ସକାଶେ ଅନ୍ତତଃ ପକ୍ଷେ ଦୁଇ ଥର ତାଲିମ୍ କାର୍ଯ୍ୟକ୍ରମ ନିଶ୍ଚୟ ହୋଇଥିବ ।

ଗାଁର ଦୁଗ୍ଧ ବ୍ୟବସାୟ ସମ୍ପର୍କିତ ସମସ୍ତ ତଥ୍ୟ ଯେପରି ଗାଇ/ମଇଁଷି, ଦୁଗ୍ଧ ଉତ୍ପାଦକ ସଭ୍ୟ ସଂଖ୍ୟା ସମିତି ପାଖରେ ନିଶ୍ଚିତ ଭାବେ ରହିବ ; ଯାହାକୁ ଭିତ୍ତି କରି ସମିତିର ବ୍ୟବସାୟିକ ଯୋଜନା ତିଆରି କରାଯାଇଥିବ ।

ଅମରପୁର ସମିତି ଏସବୁ ମାନଦଣ୍ଡ ଓ ତଥ୍ୟ ଉପରେ ଛିଡ଼ା ହୋଇଥିବାରୁ ଏହାକୁ ଏକ ଆଦର୍ଶ ସମିତିର ମାନ୍ୟତା ପ୍ରଦାନ କରାଯାଇଥିଲା ।



ଆଦର୍ଶ ସମିତି ତାକୁ କୁହାଯାଇଥାଏ ଯେଉଁଠାରେ ଆଧୁନିକ ସୁବିଧା ଓ ଯନ୍ତ୍ରପାତି ରହିଥାଏ

ଏତଦ୍ ବ୍ୟତୀତ ସମିତି ପାଖରେ କ୍ଷୀର ପରୀକ୍ଷା ପାଇଁ ମିଲ୍କୋଟେଷ୍ଟର ଓ କମ୍ପ୍ୟୁଟର ବ୍ୟବସ୍ଥା ମଧ୍ୟ ରହିଛି । ଏଠାରେ ୨୦୦୦ ଲିଟର କ୍ଷମତା ବିଶିଷ୍ଟ ଏକ ଦୁଗ୍ଧ ଶୀତଳୀକରଣ ଯନ୍ତ୍ର ମଧ୍ୟ ଅଛି । ସମିତିର ଏକ ନିଜସ୍ୱ କୋଠାଘର ଥିବାରୁ ତହିଁରେ ଗୋଟିଏ ବଡ଼ ସଭାଗୃହ ମଧ୍ୟ ରହିଛି; ଯେଉଁଠାରେ କି ବିଭିନ୍ନ ତାଲିମ୍ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଆୟୋଜିତ ହୋଇଥାଏ । ଗ୍ରାମର ଦୁଗ୍ଧ ଉତ୍ପାଦକମାନେ ନିଜର ଉନ୍ନତି ପାଇଁ ସମିତିକୁ ନେଇ ସମସ୍ତେ ଗର୍ବ କରନ୍ତି ଓ ସମିତିର ଯେପରି କୌଣସି କ୍ଷତି ନ ହେବ ତାକୁ ସୁରକ୍ଷା ଦେବା ପାଇଁ ସମସ୍ତେ ଆଗଭର ହୋଇ ପଡ଼ନ୍ତି । ବୋଧହୁଏ ସମିତିର ପରିଷ୍କାର ପ୍ରାଙ୍ଗଣ ଏବଂ ସୁବ୍ୟବସ୍ଥିତ ପରିଚାଳନା ପାଇଁ ଏହା ଗ୍ରାମର ଏକ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଯାଇଛି ।

ଅମରପୁର ସମିତି ତାର ଲକ୍ଷ୍ୟ ରଖିଥିଲା ଯେ, ସମିତିର ସମସ୍ତ ସଭ୍ୟଙ୍କୁ କିପରି ସକ୍ରିୟ କରାଯାଇ ପାରିବ । ଏଥି ସହିତ ସଂସ୍ଥାକୁ ଏକ ଆଦର୍ଶ ଅନୁଷ୍ଠାନ ଭାବେ ଗଢ଼ିବା ପାଇଁ ପରିଚାଳନା କମିଟି ଏବଂ ସମ୍ପାଦକ ତଥା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ନିଜ ନିଜର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥାଏ; ଯାହା ଦ୍ୱାରା କି ସମିତି ଆଗକୁ ବଢ଼ିପାରିବ । ଏଥିପାଇଁ ସମିତିର ମାର୍ଗଦର୍ଶକମାନେ କେତୋଟି ଜିନିଷ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି, ସେଗୁଡ଼ିକ ହେଲା - ସମିତି ପ୍ରତି ବିଶ୍ୱସ୍ତ ହେବା, ସଫାସୁତୁରା ଓ ଗୁଣାତ୍ମକମାନ, ସଭ୍ୟମାନଙ୍କ ପରସ୍ପର ଭିତରେ ସ୍ନେହ ଓ ସହଯୋଗ, ଭଲ କଥା ଶିଖିବା ଓ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଏବଂ ସମୟ ସଚେତନତା ଉପରେ ଗୁରୁତ୍ୱ ଦେବା ।

ସମିତିର ଉନ୍ନତି ପାଇଁ ତା'ର ଭବିଷ୍ୟତ ଲକ୍ଷ୍ୟ ସଭ୍ୟମାନଙ୍କ ଦ୍ୱାରା ଅତି ସୂକ୍ଷ୍ମ ଭାବରେ ବିଚାର ଆଲୋଚନା କରି ନିଷ୍ପତ୍ତି ନେବା ପରେ ଶେଷରେ ସମସ୍ତେ ତାକୁ ସ୍ୱୀକାର କରିଛନ୍ତି ।

ସେ ଲକ୍ଷ୍ୟଗୁଡ଼ିକ ହେଲା - "ଅମରପୁର ସମିତି ତାର ସମସ୍ତ ଦୁଗ୍ଧ ଉତ୍ପାଦକ ସଭ୍ୟମାନଙ୍କ ଠାରୁ ଉଚ୍ଚ ଗୁଣାତ୍ମକ ମାନର ଦୁଗ୍ଧ ସଂଗ୍ରହ କରି ଜିଲ୍ଲା ଦୁଗ୍ଧ ସଂଘ ସହିତ ବ୍ୟବସାୟ କରିବ ଓ ନିର୍ଦ୍ଦିଷ୍ଟ ସମୟରେ ଦୁଗ୍ଧ ଯୋଗାଇ ଦେବ । ନିଜ ସମିତି ଅଞ୍ଚଳରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ପାଇଁ ଆବଶ୍ୟକ ମୁତାବକ ନୂତନ ଯନ୍ତ୍ରପାତି ଓ କୌଶଳ ଯୋଗାଇ ଦେବ; ଯାହା ଫଳରେ ସଭ୍ୟମାନେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅଧିକ ଲାଭବାନ ହୋଇ ପାରିବେ । ସମିତି ଏସବୁ ନୀତି ଓ ଆଦର୍ଶ ପାଳନ କରିବା ଦ୍ୱାରା ନିଶ୍ଚିତ ଭାବେ ସଂଘର ଏକ ସର୍ବଶ୍ରେଷ୍ଠ ସମିତି ରୂପେ ବିବେଚିତ ହେବ ।



ବିଶ୍ୱବ୍ୟାଙ୍କ ପ୍ରତିନିଧି ଅମରପୁର ଭ୍ରମଣ କରୁଥିବା ଅବସରରେ ।

# ଏକ କାହାଣୀ



ଦିନେ ଜଣେ ମହିଳା ନିଜ ପୁଅକୁ ସାଙ୍ଗରେ ଧରି ଶ୍ରୀରାମକୃଷ୍ଣ ପରହଂସଙ୍କ ପାଖକୁ ଆସି କହିଲେ, "ମୋର ପୁଅ ମାତ୍ରାଧିକ ମିଠା ଖାଉଛି । ମିଠା ଖାଇବା ଦ୍ୱାରା ତା'ର ସ୍ୱାସ୍ଥ୍ୟ ଖରାପ ହେଉଛି । ତେଣୁ ଆପଣ ଏପରି କିଛି କରନ୍ତୁ ଯାହା ଫଳରେ ତା'ର ଏ ଅଭ୍ୟାସ ବନ୍ଦ ହୋଇଯିବ ।

ରାମକୃଷ୍ଣ ହସିକି କହିଲେ, - "ଏହାକୁ କାଲି ନେଇକି ଆସିବ ।"

ତହିଁ ଆରଦିନ ମା'ପୁଅ ପୁଣି ଆସି ପହଞ୍ଚିଲେ ।

ପରମହଂସ ପୁନର୍ବାର ସେପରି କହିଲେ ।

କିଛି ଦିନ ପର୍ଯ୍ୟନ୍ତ ସେପରି ଚାଲିଲା । ଶେଷରେ ଦିନେ ରାମକୃଷ୍ଣ ସେହି ବାଳକଟିକୁ ନିଜ ପାଖକୁ ଡାକି ତାକୁ କୋଳରେ ବସାଇ କହିଲେ, "ପୁଅ ମିଠା ଜିନିଷ ଖାଇବୁ ନାହିଁ ।"

ମା'ଟି ଆଶ୍ଚର୍ଯ୍ୟ ହୋଇ ପଚାରିଲେ, - "ଏତିକି କଥା କହିବା ପାଇଁ ଆପଣ ଏତେ ଦିନ କାହିଁକି ଲଗାଇଲେ ?"

ରାମକୃଷ୍ଣ କହିଲେ - "ମା' ମୁଁ ନିଜେ ମିଠେଇ ଖାଇବାକୁ ବହୁତ ଭଲ ପାଏ । ତେଣୁ ମୁଁ ଏ ବାଳକକୁ ମିଠେଇ ନ ଖାଇବା ପାଇଁ କେଉଁ ମୁହଁରେ ମନା କରିଥାନ୍ତି । ସେଥିପାଇଁ ପ୍ରଥମେ ମୁଁ ମିଠେଇ ଖାଇବା ମୋହ ତ୍ୟାଗ କଲି ଓ ତା'ପରେ ଏ ବାଳକକୁ କହିଲି ।"

ଦୁଗ୍ଧ ସମିତିର ପରିଚାଳନା କମିଟି ସଭ୍ୟମାନେ ମଧ୍ୟ ସାଧାରଣ ସଭ୍ୟମାନଙ୍କ ଆଗରେ ଠିକ୍ ଏହିପରି ଉଚ୍ଚ ଆଦର୍ଶ ସ୍ଥାପନ କରିବା ଉଚିତ୍ ।



ଏଥିପାଇଁ ସମିତି ମଧ୍ୟ ସ୍ଥିର କରିଛି ଯେ, ପ୍ରତି ୩ ବର୍ଷରେ ଥରେ ଏକ ସୁଦୂରପ୍ରସାରୀ ଭବିଷ୍ୟତ ଯୋଜନା ତିଆରି କରି ସେ ଅନୁଯାୟୀ କାର୍ଯ୍ୟ କଲେ ପରିଚାଳନା କମିଟି ସମିତିକୁ ଶକ୍ତିଶାଳୀ କରିପାରିବେ ।

ସଭ୍ୟମାନଙ୍କୁ ସମୟୋପଯୋଗୀ ଅତ୍ୟାଧୁନିକ ବ୍ୟବସ୍ଥା ସମ୍ପର୍କରେ ଜଣାଇବା ଦ୍ୱାରା ସେମାନେ କୌଣସି ବିଷୟରେ ଅଜଣା ରହିବେ ନାହିଁ । ଏଥି ସହିତ ଏକ ବାର୍ଷିକ ବ୍ୟବସାୟିକ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି ; ଯେଉଁଥିରେ କି ଦୁଗ୍ଧକ୍ରୟ, ଗୋଖାଦ୍ୟ ବିକ୍ରି, ମିତବ୍ୟୟତା, କ୍ଷୀରର ଗୁଣ ଓ ମାନ ବଜାୟ ରଖିବା ପାଇଁ ସଭ୍ୟମାନଙ୍କ ଭିତରେ ଦାୟିତ୍ୱ ବାଣ୍ଟି ଦିଆଯାଇଛି । ଏହି ଲକ୍ଷ୍ୟଗୁଡ଼ିକୁ ସବୁବେଳେ ମନେ ରଖିବା ପାଇଁ ସମିତି କାର୍ଯ୍ୟାଳୟରେ ବଡ଼ ବଡ଼ ତାଲିକା (ଚାର୍ଟ) ସବୁ ଟଙ୍ଗାଯାଇଛି । ସଭ୍ୟମାନେ ଏହାକୁ ପଢ଼ି ସବୁ ବିଷୟରେ ଜାଣି ପାରିବେ, ପରସ୍ପର ଭିତରେ ଆଲୋଚନା କରିବେ ଓ ଏସବୁର ଫାଇଦା ଉଠାଇପାରିବେ । ଏସବୁ ବ୍ୟବସ୍ଥାକୁ ସଭ୍ୟମାନେ ଅପେକ୍ଷା କରିଥିଲେ ଓ ଶେଷରେ ଏହା ବାସ୍ତବରେ ମଧ୍ୟ ପରିଣତ ହେଲା ।

ଏସବୁ କାରଣରୁ ସଭ୍ୟମାନେ ସମିତିକୁ ନିଜର ବୋଲି ଭାବିଥାନ୍ତି ଓ ତାଙ୍କ ପାଇଁ ସମିତିଟି ଗାଁର ଏକ ଗର୍ବ । ବହୁ ଦୂର ଦୂରାନ୍ତରୁ ଲୋକମାନେ ଏହି ସମିତିକୁ ଦେଖିବା ପାଇଁ ଆସିଥାନ୍ତି ଓ ଏହାକୁ ଖୋଲାଖୋଲି ଭାବରେ ପ୍ରଶଂସା କରିଥାନ୍ତି । କିଛି ଦିନ ତଳେ ବିଶ୍ୱବ୍ୟାଙ୍କର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଏଠାକୁ ଆସିଥିଲେ । ସମିତିକୁ ଦେଖି ପ୍ରଭାବିତ ହୋଇ କହି ପକାଇଲେ ଯେ, ଏ ସଂସ୍ଥାଟି କେବଳ ଗାଁର ଗର୍ବ ନୁହେଁ ବରଂ ଏହା ଦେଶର ମଧ୍ୟ ଏକ ଗର୍ବ ।

କ'ଣ ଆପଣ ଆପଣଙ୍କ ଦୁଗ୍ଧ ସମିତିକୁ ମଧ୍ୟ ଏକ ଆଦର୍ଶ ସମିତି ରୂପେ ଗଢ଼ିବା ପାଇଁ ଚାହୁଁଛନ୍ତି କି ?

ଯଦି ହଁ ତା' ହେଲେ ଏଥିପାଇଁ କ'ଣ କରିବାକୁ ପଡ଼ିବ ତାହା ବୋଧ ହୁଏ ପରବର୍ତ୍ତୀ ଅଧ୍ୟାୟରେ ଆପଣଙ୍କୁ ଜାଣିବାକୁ ମିଳିବ ।



ସମବାୟ ସମିତିର ସଫଳତା ସଦସ୍ୟମାନଙ୍କ ଉପରେ ହିଁ ନିର୍ଭର କରିଥାଏ ।

## କେତୋଟି ଚିନ୍ତା କରିବାର କଥା

» ବିଶ୍ୱବ୍ୟାଙ୍କ ଅଧିକାରୀ ଅମରପୁର ସମିତି ଉପରେ କ'ଣ କହିଲେ ଓ କାହିଁକି ?

» ସମିତିର ଲକ୍ଷ୍ୟଗୁଡ଼ିକୁ କାହିଁକି ବୋର୍ଡ ଉପରେ ଲେଖାଯିବା ଆବଶ୍ୟକ ?

» ବ୍ୟବସାୟୀକ ଯୋଜନା କାହିଁକି ପ୍ରସ୍ତୁତ କରାଯିବା ଉଚିତ୍ ?

» ଦୀର୍ଘମିଆଦି ଯୋଜନା କାହିଁକି ପ୍ରସ୍ତୁତ କରାଯିବା ଉଚିତ୍ ?

# ମନେ ରଖ

## ଏକତା ହିଁ ବଳ । ଏକତାରେ ହିଁ ଉନ୍ନତି ।

# ପ୍ରଶ୍ନ

**ନିମ୍ନଲିଖିତ ମଧ୍ୟରୁ କିଏ କିଏ ଜଗନ୍ନାଥପୁର ସମିତିର କମିଟି ସଭ୍ୟ ହୋଇ ପାରିବେ ?**

» ହରିଶଙ୍କର ପଣ୍ଡା ଗାଁରେ ରହନ୍ତି । ସେ କ'ଣ ଜଗନ୍ନାଥପୁର ସମିତିର ପରିଚାଳନା କମିଟି ସଭ୍ୟ ହୋଇପାରିବେ ?

» କୈବଲ୍ୟ ବାବୁଙ୍କ ପାଖରେ ଗାଇ ମଇଁଷି କିଛି ନାହିଁ କିନ୍ତୁ ସେ ଚାଷୀମାନଙ୍କୁ ଅତି ଭଲ ଭାବରେ ବୁଝାଇ ପାରନ୍ତି । କ'ଣ ସେ ପରିଚାଳନା କମିଟିର ସଭ୍ୟ ହୋଇପାରିବେ ?

» ଲଳିତାର ପୁଅର ବୟସ ୧୩ ବର୍ଷ । ଲଳିତା ଚାହୁଁଛି ଯେ, ସେ ମଧ୍ୟ ତା'ର ସ୍ୱର୍ଗବାସୀ ବାପାଙ୍କ ଭଳି ପରିଚାଳନା କମିଟିର ସଭ୍ୟ ହେଉ । ଏହି ବାଳକ କ'ଣ ପରିଚାଳନା ସମିତିର ସଭ୍ୟ ହୋଇ ପାରିବ ?

» ସ୍ୱୟଂ ଲଳିତା ନିଜେ କ'ଣ କମିଟିର ସଭ୍ୟା ହୋଇପାରିବ ?

ସୁଖପୁର, ଲଖନୀ ଆଦି ଗ୍ରାମର ସଫଳ ଦୁଗ୍ଧ ସମିତି ଗୁଡ଼ିକର ବିଶ୍ଳେଷଣ କରି ସାରିବା ପରେ ଆମେ ଦେଖିଲୁ ଯେ ଆଦର୍ଶ ସଭ୍ୟ ଓ ସମିତି କିପରି ତିଆରି ହୋଇଥାଏ । ସମିତିର ସଫଳତା ତଥା ବିଫଳତା ତା'ର ପରିଚାଳନା ସମିତି ଉପରେ ହିଁ ନିର୍ଭର କରିଥାଏ । ସେଥିପାଇଁ ସଭ୍ୟମାନେ ଏଭଳି ପରିଚାଳନା କମିଟି ସଭ୍ୟ ନିର୍ବାଚିତ କରିବା ଉଚିତ୍, ଯିଏକି କମିଟିକୁ ଶକ୍ତିଶାଳୀ ଓ ସମିତିକୁ ସୁଦୃଢ଼ କରିପାରିବ ।

## ଜଗନ୍ନାଥପୁର ସମିତି ପରି ନିଜ ସମିତିକୁ ମଧ୍ୟ ଗଢ଼ିବା

ଜଗନ୍ନାଥପୁର ସମିତି ଆମ ସଂଘର କେତୋଟି ଆଦର୍ଶ ସମିତି ଭିତରୁ ଗୋଟିଏ । ଏଠାରେ ପରିଚାଳନା କମିଟି ସଭ୍ୟପଦ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ନିର୍ବାଚନ ତାରିଖ ଘୋଷଣା ହେବା ପରେ ଜଗନ୍ନାଥପୁର ସମିତିର ସମ୍ପାଦକ ଗୋବର୍ଦ୍ଧନ ଉପବିଧି ଅନୁସାରେ ଭୋଟର ତାଲିକା ତିଆରି କରିବା ଆରମ୍ଭ କରି ଦେଇଛନ୍ତି । ବିଗତ ବର୍ଷରେ ସମିତିକୁ ଅନ୍ୟୂନ୍ୟ ପକ୍ଷେ ୧୫୦ ଦିନ କିମ୍ବା ୫୦୦ ଲିଟର କ୍ଷୀର ଯୋଗାଇଥିବେ ସେମାନଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଛି । ଜଗନ୍ନାଥପୁର ସମିତିର ଏହି ତାଲିକାରେ ପ୍ରାୟ ୯୦% ସଭ୍ୟ ସାମିଲ୍ ଅଛନ୍ତି ।



ଜଗନ୍ନାଥପୁର ଏକ ପ୍ରଗତିଶୀଳ ଗ୍ରାମ ।

ସମିତିର ବର୍ତ୍ତମାନ ଅଧ୍ୟକ୍ଷ ବେଣୁଧର ମିଶ୍ର, ଯିଏ କି ତାଙ୍କ ଛଅ ବର୍ଷ କାର୍ଯ୍ୟକାଳ ପୂରା କରିଛନ୍ତି । ସେ ସ୍ଥିର କରିଛନ୍ତି ଯେ, ସେ ଆସନ୍ତା ତିନି ବର୍ଷ ପର୍ଯ୍ୟନ୍ତ ସମିତିର ଏକ ସାଧାରଣ ସଭ୍ୟ ଭାବେ ସକ୍ରିୟ ରହିବେ । ତାଙ୍କର କାର୍ଯ୍ୟକାଳ ଭିତରେ ଜଗନ୍ନାଥପୁର



ଗମ୍ଭାରୀଗୁଡ଼ା ସମିତିର ଅବସ୍ଥା ବହୁତ ଖରାପ ।

ଏଥି ପାଇଁ ପରିଚାଳନା କମିଟି ସଭ୍ୟମାନଙ୍କ ପ୍ରତି ସାଧାରଣ ସଭ୍ୟମାନେ ଅସନ୍ତୁଷ୍ଟ ଅଛନ୍ତି ।

ଗମ୍ଭାରୀଗୁଡ଼ାର ତରୁଣ ବାବୁ ପାଠଶାଠ ପଢ଼ିଥିବା ଜଣେ ଶିକ୍ଷିତ ଯୁବକ । ସେ ନିଜର ରୋଜଗାର ବଢ଼ାଇବା ପାଇଁ କେବଳ ଗୋପାଳନ କରି ନାହିଁ, ବରଂ ଗୋଟିଏ ସ୍କୁଲ ମଧ୍ୟ ପରିଚାଳନା କରନ୍ତି । ସେ ଗମ୍ଭାରୀଗୁଡ଼ା ସମିତିକୁ ଏକ ଆଦର୍ଶ ସମିତି ହିସାବରେ ଗଢ଼ିବାକୁ ଚାହାନ୍ତି । ସେଥି ପାଇଁ ସେ ମଧ୍ୟ ନିଜ ସମିତିର ପରିଚାଳନା କମିଟି ସଭ୍ୟ ନିର୍ବାଚନରେ ଭାଗ ନେବାକୁ ଚାହୁଁଛନ୍ତି । ନିର୍ବାଚନ ପୂର୍ବରୁ ସେ ଜଗନ୍ନାଥପୁରର ବେଣୁଧର ବାବୁଙ୍କ ସହିତ ବିଚାର ବିମର୍ଶ କରିବା ପାଇଁ ଆସିଛନ୍ତି ।

ବେଣୁଧର - ଏହା ଖୁସିର କଥା ଯେ, ଦାୟିତ୍ୱ ନେବା ପାଇଁ ଯୁବକମାନେ ମଧ୍ୟ ଆଗେଇ ଆସିଲେଣି । ଆଉ ଏକ ଖୁସିର ବିଷୟ ହେଲା ଯେ, ସେମାନେ ବୟସ୍କମାନଙ୍କ ଠାରୁ ମାର୍ଗଦର୍ଶନ ଚାହୁଁଛନ୍ତି ।

ଦୁଗ୍ଧ ସମିତି ପ୍ରତ୍ୟେକ ଦିଗରୁ ବହୁବିଧ ଉନ୍ନତି କରିଛି । ଦୁଗ୍ଧ ସଂଗ୍ରହ, ନୂତନ ବୈଷୟିକ ସେବା ଉପଲବ୍ଧ କରାଇବା କ୍ଷେତ୍ରରେ ସମିତି ବହୁତ ଆଗେଇ ପାରିଛି ।

କିନ୍ତୁ ବେଣୁଧର ବାବୁ ଏ ସବୁର ଶ୍ରେୟ ନିଜେ ନ ନେଇ ତାହା ପରିଚାଳନା ସମିତିର ସମସ୍ତ ସଭ୍ୟଙ୍କୁ ଦେଇଥାନ୍ତି । ସେ ସ୍ୱୀକାର କରନ୍ତି ଯେ, ସଭ୍ୟମାନେ ନିଜ ନିଜର ଦାୟିତ୍ୱଗୁଡ଼ିକ ସୂଚାରୁ ରୂପେ ତୁଲାଇବା ଫଳରେ ଆଜି ଏହି ପ୍ରଗତି ସମ୍ଭବ ହୋଇପାରିଛି ।

ଗମ୍ଭାରୀଗୁଡ଼ା ଗ୍ରାମ ଜଗନ୍ନାଥପୁର ପାଖରେ ଅଛି । ଏହି ଗ୍ରାମରେ ମଧ୍ୟ ଦୁଗ୍ଧ ସମିତି ଅଛି । ଜଗନ୍ନାଥପୁର ର ପଡ଼ୋଶୀ ଗ୍ରାମ ହେଲେ ମଧ୍ୟ ଏଠି ସମିତିର ଅବସ୍ଥା ସେତେଟା ଭଲ ନୁହେଁ । ଗତ ତିନି ବର୍ଷ ହେଲା ଏଠାରେ ଲାଭାଂଶ ବଣ୍ଟନ ହୋଇପାରୁ ନାହିଁ ।



ତରୁଣ ବାବୁ ଜଣେ ପ୍ରଗତିଶୀଳ ଓ ଶିକ୍ଷିତ ଯୁବକ ।

# କାହାଣୀଟିଏ

କୂପ ମଣ୍ଡୁକର କାହାଣୀ ଆମେ ପ୍ରାୟ ସମସ୍ତେ ଜାଣିଛୁ । କୂପ ଭିତରେ ହିଁ ମଣ୍ଡୁକର ଜନ୍ମ ହୋଇଥାଏ ଓ ତହିଁରେ ଲାଳନ ପାଳନ ହୋଇ ବଢ଼ିଥାଏ ।

ଦିନେ ଗୋଟିଏ ସାମୁଦ୍ରିକ ବେଙ୍ଗ ସେଇ କୂଅକୁ ଆସିଲା ।

କୂପ ମଣ୍ଡୁକ ତାକୁ ପଚାରିଲା - "ସମୁଦ୍ର..... ତାହା କେତେ ବଡ଼" ?

"ବହୁତ ବଡ଼"

"କଣ ତାହା ମୋର କୂଅଠାରୁ ମଧ୍ୟ ବଡ଼ ?"

"କୂଅ ତ ବହୁତ ଛୋଟ । ସମୁଦ୍ର ତା'ଠାରୁ ବହୁତ ବଡ଼... ।"

କୂପ ମଣ୍ଡୁକ ରାଗି ଯାଇ କହିଲା, - "କୂଅରୁ ବଡ଼ ଆଉ କିଛି ବି ହୋଇ ନ ପାରେ" ସମୁଦ୍ର ବେଙ୍ଗଟି ହସି ହସି ସେଠୁ ଚାଲିଗଲା ଓ କୂପ ମଣ୍ଡୁକଟି ଯେଉଁଠି ଥିଲା ସେଇଠି ପଡ଼ି ରହିଲା ।

ଆମେ ଆମ ଦୁଗ୍ଧ ସମିତିର ଉନ୍ନତି ଅନ୍ୟ ସମିତିମାନଙ୍କ ସହିତ ତୁଳନା କରି ନୂଆଁ କଥା ଶିଖିବା । ପ୍ରଶିକ୍ଷଣ ମାଧ୍ୟମରେ ନୂତନ ତଥ୍ୟ ଜାଣିବା ଆବଶ୍ୟକ ନଚେତ୍ ଆମେ କୂପମଣ୍ଡୁକ ଭଳି ରହିଯିବା ।



ଆସ, ମୁଁ ତୁମକୁ ପରିଚାଳନା କମିଟି ସଭ୍ୟମାନଙ୍କ ଦାୟିତ୍ୱଗୁଡ଼ିକ ଚାର୍ଟ ସାହାଯ୍ୟରେ ବୁଝାଇ ଦେବି ।

ତରୁଣ - ଚାଲନ୍ତୁ, ସେଠାକୁ ଯିବା

ବେଣୁଧର - ପରିଚାଳନା କମିଟିର ପ୍ରଥମ ଦାୟିତ୍ୱ ହେଲା ସମିତିର ମାର୍ଗ ଦର୍ଶକ ଭାବେ ମୂଲ୍ୟବାନ୍ ସିଦ୍ଧାନ୍ତ ନେବା ସହ ସୁଦୂର ପ୍ରସାରୀ ଭବିଷ୍ୟତ ଯୋଜନା ଓ ଲକ୍ଷ୍ୟ ସ୍ଥିର କରିବା । ମୋର ଯେତିକି ଅନୁଭୂତି, ସମିତିକୁ ଉଚିତ୍ ମାର୍ଗଦର୍ଶନ ନ କଲେ ନିଜ ଗୋଡ଼ରେ ନିଜେ ଚୋଟ ମାରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ । ତେଣୁ ଏଭଳି ସିଦ୍ଧାନ୍ତ ସବୁ ଗ୍ରହଣ କରିବା ଫଳରେ ସଭ୍ୟମାନେ ମଧ୍ୟ ଠିକ୍ ଭାବରେ କାମ କରିଥାନ୍ତି ।



ତରୁଣ ବାବୁ ବେଣୁଧର ବାବୁଙ୍କ ପାଖକୁ ବିଚାର ବିମର୍ଶ କରିବା ପାଇଁ ଆସିଛନ୍ତି ।

ତରୁଣ - ଏହା ତ ଠିକ୍ କଥା

ବେଣୁଧର - ଦ୍ୱିତୀୟ ଦାୟିତ୍ୱ ହେଲା ଯେ, ସମିତିର ଦୀର୍ଘସୂତ୍ରୀ ଲକ୍ଷ୍ୟକୁ ହାସଲ କରିବା ପାଇଁ ବାର୍ଷିକ ବ୍ୟବସାୟିକ ଯୋଜନା ତିଆରି କରିବା । ତୃତୀୟ ଦାୟିତ୍ୱ ହେଲା ଯେ, ଏହି ଯୋଜନାକୁ ଫଳବତୀ କରିବା ପାଇଁ ସଦସ୍ୟମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ସଦସ୍ୟମାନଙ୍କ ନିଜସ୍ୱ ଭୂମିକା ସମ୍ପର୍କରେ ଜ୍ଞାନ ନାହିଁ ; ତେବେ ଯୋଜନାର ସଫଳ ରୂପାୟନ ଅସମ୍ଭବ ।

ତରୁଣ - ଆପଣ ଠିକ୍ କହୁଛନ୍ତି । ସଦସ୍ୟମାନେ ଯଦି ନିଜ ଭୂମିକା ସମ୍ପର୍କରେ ସ୍ପଷ୍ଟ ନ ହୁଅନ୍ତି ତା ହେଲେ କାଲା ଆଗରେ ମୂଳା ଚୋବାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ ।

ବେଣୁଧର - ଚତୁର୍ଥ ଦାୟିତ୍ୱ ହେଲା ବ୍ୟବସାୟ ଅଭିମୁଖୀ ନୀତିଗୁଡ଼ିକ ପ୍ରସ୍ତୁତପୂର୍ବକ ସଫଳତା ପାଇବା ପାଇଁ ସମିତିର ସମ୍ପାଦକ ତଥା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ଏସବୁର ଦାୟିତ୍ୱ ଦିଆ ଯାଇଥାଏ । ଏହାର ବିଶେଷତ୍ୱ ହେଉଛି ଯେ, ସମିତିକୁ ସମ୍ପାଦକ ଓ ଅନ୍ୟାନ୍ୟ କର୍ମଚାରୀମାନେ ହିଁ ପରିଚାଳନା କରିଥାନ୍ତି । କାରଣ ଜଣେ ସଭ୍ୟ ସବୁ କଥା ନିଜେ ଦେଖି ପାରିବ ନାହିଁ । ଏଥି ପାଇଁ କର୍ମଚାରୀମାନଙ୍କୁ ଦାୟିତ୍ୱ ଦେବା ଅତ୍ୟନ୍ତ ଜରୁରୀ ।

ଯେପରି ଏଇ ବର୍ତ୍ତମାନ ଆମେ କ୍ଷୀରର ଗୁଣାତ୍ମକମାନ ବଢ଼ାଇବା ଉପରେ ଏକ ପ୍ରସ୍ତାବ ଗ୍ରହଣ କରିଛୁ ଓ ସମ୍ପାଦକଙ୍କୁ କ୍ଷମତା ଦେଇଛୁ ଯେ, ୨୬ ରୁ କମ୍ ଲାକ୍ଟୋମିଟର ଆସୁଥିବା କ୍ଷୀରକୁ ସମିତି ଗ୍ରହଣ କରିବ ନାହିଁ । ଫଳରେ ସମ୍ପାଦକ ଓ ଦୁଗ୍ଧ ପରୀକ୍ଷକ ଆହୁରି ଅଧିକ ସତର୍କ ହୋଇଯିବା ଦ୍ୱାରା ସମିତିରେ ସଂଗୃହୀତ କ୍ଷୀରର ଗୁଣାତ୍ମକ ମାନ ବୃଦ୍ଧି ହୋଇଛି ।

ତରୁଣ - ଚାର୍ଟ ଅନୁଯାୟୀ ପଞ୍ଚମ ଦାୟିତ୍ୱ ସଭ୍ୟମାନଙ୍କୁ ଆବଶ୍ୟକୀୟ ବିଷୟ ଉପରେ ଜଣାଇବା ସମ୍ବନ୍ଧରେ ।

ବେଣୁଧର - ଆପଣ ଠିକ୍ କହିଛନ୍ତି । ଏଥି ସହିତ ସମିତିର କର୍ମଚାରୀମାନଙ୍କ ପାଇଁ ତାଲିମ୍ ଓ ପ୍ରଶିକ୍ଷଣ ବ୍ୟବସ୍ଥା ମଧ୍ୟ କରିବା ଆବଶ୍ୟକ । ଏହା ଷଷ୍ଠ ଦାୟିତ୍ୱ ଅଟେ ।

ତରୁଣ - ମୋର ଯେତେ ଦୂର ମନେ ପଡୁଛି ଗମ୍ଭାରୀଗୁଡ୍ଡା ସମିତିର ସମ୍ପାଦକଙ୍କୁ ପ୍ରଥମ ଥର ତାଲିମ



ପରିଚାଳନା ସମିତିର ଦାୟିତ୍ୱ ସମସ୍ତେ ଜାଣିବା ଜରୁରୀ ।

ପରେ ଆଉ କୌଣସି ପ୍ରକାର ପ୍ରଶିକ୍ଷଣ ଦିଆ ଯାଇ ନାହିଁ ।

ବେଣୁଧର - ପରିଚାଳନା କମିଟି ସଭ୍ୟମାନଙ୍କ ପାଇଁ ଏଭଳି କାର୍ଯ୍ୟ ପ୍ରଣାଳୀ ନିର୍ଦ୍ଧାରଣ କରିବା ଆବଶ୍ୟକ ଯେପରି ତାହା ଆକଳନ କରାଯାଇ ପାରିବ ଯେ, ସମିତି କେତେ ଦୂର ସଭ୍ୟମାନଙ୍କର ଆବଶ୍ୟକତାକୁ ପୂରଣ କରିପାରୁଛି । ଉଦାହରଣ ସ୍ୱରୂପ ସମିତିର ସମସ୍ତ ସଭ୍ୟମାନଙ୍କ ସହ ଆମର ନିୟମିତ କଥାବାର୍ତ୍ତା ଚାଲିଥାଏ । ପ୍ରତ୍ୟେକ ପରିଚାଳନା କମିଟି ସଭ୍ୟ ପ୍ରତିମାସ କମ୍ ସେ କମ୍ ସମିତିର ପାଞ୍ଚ ଜଣ ସଭ୍ୟଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ଅସୁବିଧା ଓ ଆବଶ୍ୟକତା ଦୂର କରିଥାନ୍ତି ଓ ପରବର୍ତ୍ତୀ ବୈଠକରେ ତା' ଉପରେ ବିଚାର ଆଲୋଚନା କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥାଏ ।

ତରୁଣ - ଚାର୍ଟ ଅନୁଯାୟୀ ପରବର୍ତ୍ତୀ ଦାୟିତ୍ୱ ଜିଲ୍ଲା ଦୁଗ୍ଧ ସଂଘକୁ ଠିକ୍ ସମୟରେ ତଥ୍ୟ ଓ ସୂଚନା ପ୍ରଦାନ କରାଯିବା ଉଚିତ୍ ।

ବେଣୁଧର - ଏହା ଦ୍ୱାରା କେବଳ ସଂଘକୁ ନିଷ୍ପତ୍ତି ନେବାରେ ସୁବିଧା ହୋଇ ନ ଥାଏ ବରଂ ସମିତିର ସଭ୍ୟମାନଙ୍କ ସହଯୋଗ ମଧ୍ୟ ବଢ଼ିଥାଏ । ଏଠାରେ ଲଗାଯାଇଥିବା ଚାର୍ଟରେ ସମସ୍ତଙ୍କ ଅବଗତି ନିମନ୍ତେ ଦୁଗ୍ଧ ଉତ୍ପାଦକ ସଭ୍ୟଙ୍କ ସଂଖ୍ୟା, ମୋଟ୍ ଦୁଗ୍ଧ ଉତ୍ପାଦନର ପରିମାଣ, ସମିତିର ପରିସୀମା, ପଶୁମାନଙ୍କୁ ଦିଆଯାଉଥିବା ଗୋଖାଦ୍ୟ, ପଶୁମାନଙ୍କୁ ବାରମ୍ବାର ହେଉଥିବା ରୋଗଗୁଡ଼ିକ ସମ୍ପର୍କରେ ତଥ୍ୟ ଜଣାଇ ଦିଆଯାଇଥାଏ ।

ତରୁଣ - ଗମ୍ଭାରୀଗୁଡ଼ା ସମିତିର ସମ୍ପାଦକ ରମେଶ ଏ ପର୍ଯ୍ୟନ୍ତ ସେଭଳି କିଛି ଦାୟିତ୍ୱ ନିର୍ବାହ କରି ନାହାଁନ୍ତି । ଆମର ସଭ୍ୟମାନେ ଯେତିକି ଦାୟିତ୍ୱହୀନ ସମ୍ପାଦକ ମଧ୍ୟ ତା'ଠାରୁ କିଛି କମ୍ ନୁହେଁ । ମତେ ଯଦି ସମ୍ପାଦକଙ୍କ ଦାୟିତ୍ୱ ସବୁ କ'ଣ କ'ଣ ତାହା ଜାଣିବାର ସୁଯୋଗ ମିଳନ୍ତା, ତା ହେଲେ ବହୁତ ଭଲ ହୁଅନ୍ତା ।

ବେଣୁଧର - ସଂପାଦକଙ୍କ ପ୍ରଥମ ଦାୟିତ୍ୱ ହେଲା ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଲକ୍ଷ୍ୟ ଓ ନୀତିନିୟମ ଅନୁସାରେ ସମିତିକୁ ପରିଚାଳନା କରିବା । ଦ୍ୱିତୀୟତଃ ନିର୍ଦ୍ଧାରଣ କରାଯାଇଥିବା ଗୁଣାତ୍ମକ ମାନ ଅନୁଯାୟୀ ସଠିକ୍ ମୂଲ୍ୟ ପ୍ରଦାନ କରିବା । ତୃତୀୟ ଦାୟିତ୍ୱ ହେଲା ସମିତି ପରିସର ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ପ୍ରତିଦିନ ନିୟମିତ ଦୁଗ୍ଧ ପରୀକ୍ଷା କରିବା ।

ତରୁଣ - ଏହା ତ ଅତ୍ୟନ୍ତ ସ୍ପଷ୍ଟ କଥା

ବେଣୁଧର - ସମସ୍ତ ରେକର୍ଡପତ୍ର ଏବଂ ସଭ୍ୟମାନଙ୍କ ଆବେଦନଗୁଡ଼ିକୁ ସାଇତି ରଖିବା । ସମିତି ସମ୍ବନ୍ଧୀୟ ସମସ୍ତ ସୂଚନା ଠିକ୍ ସମୟରେ ପରିଚାଳନା କମିଟି ସମ୍ମୁଖରେ ଉପସ୍ଥାପନ କରି କମିଟି ଦ୍ୱାରା ଗୃହୀତ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା । ସଭ୍ୟମାନେ ସମିତି ଉପରେ ଅଧିକ ବିଶ୍ୱସ୍ତ ହେବା ଭଳି ପଦକ୍ଷେପ ସବୁ ଗ୍ରହଣ କରିବା ଆବଶ୍ୟକ । ଶେଷରେ ସଭ୍ୟମାନଙ୍କ ଆବଶ୍ୟକ ମୁତାବକ ବୈଷୟିକ ସେବା

ଓ ସୁବିଧା ସବୁ ଯୋଗାଇ ଦେବା ମଧ୍ୟ ସମ୍ପାଦକଙ୍କ କର୍ତ୍ତବ୍ୟ ।

ତରୁଣ - କିନ୍ତୁ ଏସବୁର ସଫଳ ରୂପାୟନ ଦିଗରେ କାମ କରିବାର ପରିବେଶ ମଧ୍ୟ ଜଗନ୍ନାଥପୁର ସମିତି ପରି ହେବା ଆବଶ୍ୟକ ।

ଗମ୍ଭାରୀଗୁଡ଼ା ସମିତି ଯେଉଁଠି ନା ନିୟମିତ ବୈଠକ ବସିଥାଏ ନା ରେକର୍ଡପତ୍ର ନିୟମିତ ପରିଚାଳନା କରାଯାଏ; ତେଣୁ ସେଠାକାର ସଂପାଦକଙ୍କ ଠାରୁ ଏସବୁ ଦାୟିତ୍ୱ ଆଶା କରାଯାଇ ପାରିବ କି ?

ବେଣୁଧର - ଆପଣଙ୍କ କଥା ମୁଁ ବୁଝିପାରୁଛି । ମାତ୍ର ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏକଦା ଜଗନ୍ନାଥପୁର ସମିତିର ଅବସ୍ଥା ମଧ୍ୟ ଏପରି ଥିଲା । କିନ୍ତୁ ଆମର ସଂପାଦକ ଦାୟିତ୍ୱସହକାରେ କାମ କରି ତା'ର ଅବସ୍ଥା ବଦଳାଇ ଦେଲେ । ଜିଲ୍ଲା ସଂଘ ଦ୍ୱାରା ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇ ସେ ନୂତନ ଜ୍ଞାନ କୌଶଳ ଜାଣିବାକୁ ପାଇଲେ । ସମ୍ପାଦକଙ୍କ ଦାୟିତ୍ୱ ସମ୍ପର୍କରେ ତାଙ୍କୁ ପ୍ରଶିକ୍ଷଣ ଦିଆ ଗଲା । ତା'ପରେ ସେ ତଦନୁଯାୟୀ କାମ କରି ସମସ୍ତଙ୍କ ଭିତରେ ଏକ ଦଳଗତ ଭାବନା ସୃଷ୍ଟି କରିବା ଫଳରେ ତା'ର ଏକ ପ୍ରଭାବ ସମିତି ଉପରେ ପଡ଼ିଥିଲା ।


ସମିତିର ସମସ୍ତ ରେକର୍ଡପତ୍ର ସାଇତି ରଖିବା ସଂପାଦକଙ୍କ ଦାୟିତ୍ୱ ।

ତରୁଣ - ଆପଣଙ୍କ କଥାବାର୍ତ୍ତାରୁ ମତେ ମଧ୍ୟ ଖୁବ୍ ପ୍ରେରଣା ମିଳିଲା । ଏବେ ମୁଁ ମଧ୍ୟ ଗମ୍ଭାରୀଗୁଡ଼ା ସମିତିକୁ ସକ୍ରିୟ ଭାବେ ଗଢ଼ିବି ।

ଆପଣମାନେ ଦେଖିଲେ - ଏକାଗ୍ରତା, ପରିଶ୍ରମ ଓ ଦଳୀୟ ଭାବନାରେ ହିଁ ଦୁଗ୍ଧ ସମିତିର ବିକାଶ ସମ୍ଭବ । ଆସନ୍ତୁ ଏଇ ସଫଳ ଉଦାହରଣରୁ ପ୍ରେରଣା ନେଇ ଆମେ ମଧ୍ୟ ଉନ୍ନତିପଥରେ ଆଗକୁ ବଢ଼ିବା ।

## କେତୋଟି ଚିନ୍ତା କରିବା କଥା

» ଜଗନ୍ନାଥପୁର ସମିତିକୁ ସଂଘର ସବୁଠାରୁ ଶ୍ରେଷ୍ଠ ସମିତି ଭାବେ ଗଢ଼ିବାର ଶ୍ରେୟ କାହାକୁ ଦିଆଯିବ ?

» ପରିଚାଳନା କମିଟି ସଭ୍ୟମାନଙ୍କର ଦାୟିତ୍ୱଗୁଡ଼ିକୁ ଜାଣିବା ଓ ବୁଝାଇବା ପାଇଁ ତରୁଣ ବାବୁ କ'ଣ କଲେ ?

» ସମିତିର ସଫଳତା ପାଇଁ ଦଳୀୟ ଭାବନାର କ'ଣ ଭୂମିକା ରହିଛି ?

## ମନେ ରଖ

**ଦୁଗ୍ଧ ସମିତି ଆପଣଙ୍କର । ଏହାର ଉନ୍ନତି ଆପଣମାନଙ୍କ ହାତରେ ଅଛି ।**



# କାହାଣୀଟିଏ

କର୍ଣ୍ଣାଟକରେ ଶ୍ରାବଣ ବେଲଗୋଲା ନାମକ ଏକ ଜୈନ ତୀର୍ଥସ୍ଥାନ ଅଛି । ସେଠାରେ ଗୋଟିଏ ୬୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଗୋମାତେଶ୍ୱର ଜୈନମୂର୍ତ୍ତି ଅବସ୍ଥିତ । ସେହି ମୂର୍ତ୍ତିକୁ ୧୦୦ ବର୍ଷରେ ଥରେ ମହାମସ୍ତକାଭିଷେକ ପୂର୍ବକ କ୍ଷୀରରେ ସ୍ନାନ କରାଯାଇଥାଏ ।

ଅନେକ ଦିନ ତଳର କଥା । ଜଣେ ରାଜାଙ୍କ ଦ୍ୱାରା ମହାମସ୍ତକାଭିଷେକ ପାଇଁ ରାଜ୍ୟର ସମସ୍ତ ପ୍ରଜାମାନଙ୍କୁ କ୍ଷୀର ଆଣିବା ପାଇଁ ଆଦେଶ ଦିଆଗଲା । ସାରା ରାଜ୍ୟରୁ ଆସିଥିବା କ୍ଷୀରରେ ଅଭିଷେକ କରାଗଲା । କିନ୍ତୁ ବହୁତ ପରିମାଣରେ କ୍ଷୀର ଢ଼ାଳିବା ପରେ ମଧ୍ୟ ମୂର୍ତ୍ତିର ଅଣ୍ଟା ତଳ ପର୍ଯ୍ୟନ୍ତ ମଧ୍ୟ ବୁଡ଼ି ପାରିଲା ନାହିଁ । ରାଜା ଚିନ୍ତିତ ହୋଇପଡ଼ିଲେ ଏବଂ କ୍ଷୀର ମଧ୍ୟ ସରି ଯାଇଥିଲା ।

ଠିକ୍ ଏତିକି ବେଳେ ତାଙ୍କର ଆଖି ଭିଡ଼ରେ ଥିବା ଏକ ବୃଦ୍ଧା ମହିଳାଙ୍କ ଉପରେ ପଡ଼ିଲା ଓ ସେହି ବୃଦ୍ଧାଙ୍କ ହାତରେ ଗୋଟିଏ ଗିନା ଥିଲା । ସେ ମଧ୍ୟ ଆଣିଥିବା କ୍ଷୀରକୁ ଅଭିଷେକରେ ଲଗାଇବା ପାଇଁ ସେଠାରେ ଥିବା ଅଧିକାରୀଙ୍କୁ ବିନୀତ ଅନୁରୋଧ କରୁଥଲେ । କିନ୍ତୁ ଅଧିକାରୀ ଜଣକ ସେହି ବୁଢ଼ୀ ମହିଳାଙ୍କୁ ତିରସ୍କାର ଦୃଷ୍ଟିରେ ଆକ୍ରମଣ କରୁଥିଲେ ।

ଏହା ଦେଖି ରାଜା ସେହି ବୁଢ଼ୀ ପାଖକୁ ଗଲେ । ତାକୁ ନମସ୍କାର କରି କହିଲେ - "ମାଆ କ'ଣ ହେଲା" ?

ବୁଢ଼ୀ ଜଣକ କହିଲା - ମହାରାଜ ମୁଁ ଜଣେ ଗରିବ ବୁଢ଼ୀ ଲୋକ । ମୋର ଏହି ଗୋମାତେଶ୍ୱରଙ୍କ ପାଖରେ ଗଭୀର ଶ୍ରଦ୍ଧା ରହିଛି । ମୁଁ ଗତ ଦୁଇ ଦିନ ହେଲା ଉପବାସ ରହି, ଆଜି କ୍ଷୀର କିଣି କରି ନେଇ ଆସିଛି; ଯାହାକି ଭଗବାନଙ୍କ ପାଖରେ ସମର୍ପଣ କରିଥାନ୍ତି । କିନ୍ତୁ ଏ ଅଧିକାରୀ ଜଣକ ମତେ ଏହା କହି ମନା କରୁଛନ୍ତି ଯେ, - ତୁମର ଏଇ ଗୋଟିଏ ଗିନା କ୍ଷୀରରେ କ'ଣ ହେବ ?

ରାଜା ବିନମ୍ର ଭାବରେ କହିଲେ - ମାଆ ବୋଧହୁଏ ଭଗବାନ ଗୋମାତେଶ୍ୱର ଏହି ଗିନାରେ ଥିବା କ୍ଷୀରକୁ ଅପେକ୍ଷା କରିଛନ୍ତି । ଏଥିପାଇଁ ଅଭିଷେକ ଅସମ୍ପୂର୍ଣ୍ଣ ରହିଯାଇଛି । ଚାଲନ୍ତୁ ଆପଣ ନିଜେ ନିଜ ହାତରେ ଏହି କ୍ଷୀରକୁ ସମର୍ପଣ କରିବେ ।

ମହିଳା ଜଣକ ଅତ୍ୟନ୍ତ ଶ୍ରଦ୍ଧାରେ କ୍ଷୀରକୁ ମୂର୍ତ୍ତି ଉପରେ ଢ଼ାଳି ଦେଲେ ।

ଏହା ପରେ ଯାହା ହେଲା ତାହା ଏକ ଚମତ୍କାର ହିଁ ଥିଲା । ବୃଦ୍ଧାର ସେହି ଗିନାରୁ ଅନନ୍ତ ଗଙ୍ଗା ବୋହିବାରେ ଲାଗିଲା । ଦେଖୁ ଦେଖୁ ମୂର୍ତ୍ତିଟି ପୂରାପୂରି ଭାବରେ ବୁଡ଼ିଗଲା । ଏହା ଦେଖି ଭକ୍ତମାନେ ମଧ୍ୟ ସମସ୍ତେ ପୁଲକିତ ହୋଇ ପଡ଼ିଲେ ।



ରାଜା କହିଲେ - "ଶ୍ରଦ୍ଧା ଏବଂ ନିଷ୍ଠା ଦ୍ୱାରା ହିଁ ଏହି ଚମତ୍କାର ସମ୍ଭବ ହୋଇପାରିଲା । ତେଣୁ କେହି ମଧ୍ୟ ଛୋଟ-ବଡ଼, ଉଚ୍ଚ-ନୀଚ ନୁହେଁ । ସମର୍ପଣରେ ଯଦି ଶ୍ରଦ୍ଧା ଅଛି ତା' ହେଲେ ମାଠିଆ ଭିତରେ ମଧ୍ୟ ସମୁଦ୍ରର ଗଭୀରତା ଅନୁଭବ କରି ହେବ ।"

## ସମବାୟ ସଂଗଠନ

ସମବାୟ ପ୍ରତିଷ୍ଠାନ ଏଭଳି ଏକ ସ୍ୱୟଂଚାଳିତ ସଂସ୍ଥା ଯାହା ମାଧ୍ୟମରେ ଲୋକମାନଙ୍କର ସାମୂହିକ ମାଲିକାନା ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଆଧାରିତ ନିଜସ୍ୱ ଆର୍ଥିକ ସାମାଜିକ ଆବଶ୍ୟକତା ଏବଂ ଆଶା ଆକାଂକ୍ଷାଗୁଡ଼ିକ ପୂରଣ କରିଥାଏ । ସମବାୟ ସଂସ୍ଥା ଗୁଡ଼ିକ ସ୍ୱୟଂସହାୟତା, ନିଜସ୍ୱ ମାଲିକାନା, ଗଣତନ୍ତ୍ର, ସମାନତା, ସମାନ ଭାଗିଦାରୀ ଏବଂ ଭାଇଚାରା ଉପରେ ପର୍ଯ୍ୟବସିତ । ପ୍ରତିଷ୍ଠାକାରୀ ସଭ୍ୟମାନଙ୍କ ଭଳି ସମବାୟ ସଂସ୍ଥାର ସଭ୍ୟମାନେ ସତ୍ୟନିଷ୍ଠ, ପାରଦର୍ଶିତା, ସାମାଜିକ ଦାୟିତ୍ୱବୋଧ ଓ ସମବାୟ ଭାବନା ଉପରେ ବିଶ୍ୱସ୍ତ ରହିଥାନ୍ତି ।

### ସମବାୟ ସିଦ୍ଧାନ୍ତ : ଏକ ସଂକ୍ଷିପ୍ତ ବିବରଣୀ



ପ୍ରଥମ : ସ୍ୱେଚ୍ଛାକୃତ ମୁକ୍ତ ଓ ସକ୍ରିୟ ସଦସ୍ୟତା : ସମବାୟ ପ୍ରତିଷ୍ଠାନଗୁଡ଼ିକ ସ୍ୱୟଂସହାୟକ ଗୋଷ୍ଠୀ ଅନ୍ତର୍ଭୁକ୍ତ । ଏଥିରେ ଲିଙ୍ଗ, ଜାତି, ରାଜନୀତି ତଥା ଧାର୍ମିକ ଭେଦଭାବ ବିନା ସମସ୍ତେ ପ୍ରବେଶ କରି ପାରିବେ ।

---



ଦ୍ୱିତୀୟ : ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳନା ଓ ନିୟନ୍ତ୍ରଣ : ସମବାୟ ପ୍ରତିଷ୍ଠାନଗୁଡିକ ସଭ୍ୟମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳିତ ହୋଇଥାଏ । ଏହାକୁ ସୁଦୃଢ଼ କରିବା ପାଇଁ ସଭ୍ୟମାନଙ୍କ ସକ୍ରିୟ ଭୂମିକା ରହିଥାଏ । କର୍ମଚାରୀମାନେ ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ପରିଚାଳନା କମିଟି ପାଖରେ ଦାୟିତ୍ୱବାନ୍ ଓ ବିଶ୍ୱସ୍ତ ରହିବେ । ପ୍ରାଥମିକ ସମିତିମାନଙ୍କରେ ପ୍ରତ୍ୟେକ ସଭ୍ୟଙ୍କ "ଗୋଟିଏ ସଭ୍ୟ - ଗୋଟିଏ ମତ" ନୀତି ଅନୁଯାୟୀ ସମାନ ମତଦାନର ଅଧିକାର ରହିଥାଏ । ଅନ୍ୟ ସମସ୍ତ କ୍ଷେତ୍ରରେ ମଧ୍ୟ ସମିତିକୁ ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳନା କରାଯାଇଥାଏ ।

---



ତୃତୀୟ : ସଦସ୍ୟମାନଙ୍କ ଆର୍ଥିକ ଯୋଗଦାନ : ସମବାୟ ସଂସ୍ଥାର ପାଣ୍ଠି ସଂଗ୍ରହ ପାଇଁ ସମସ୍ତ ସଭ୍ୟଙ୍କ ଯୋଗଦାନ ରହିଥାଏ ଓ ତାକୁ ଗଣତାନ୍ତ୍ରିକ ପଦ୍ଧତିରେ ନିୟନ୍ତ୍ରଣ କରାଯାଇଥାଏ । ବଳକା ପାଣ୍ଠି ସମବାୟ ପ୍ରତିଷ୍ଠାନକୁ ଶକ୍ତିଶାଳୀ କରିବା, ସଂରକ୍ଷିତ ପାଣ୍ଠି ସୃଷ୍ଟି ହେବା, ସମିତିର ସମସ୍ତ ସଭ୍ୟମାନଙ୍କ ଲାଭ ତଥା ସଭ୍ୟମାନଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ବିଭିନ୍ନ ଯୋଜନା ପାଇଁ ବ୍ୟବହାର କରାଯାଇଥାଏ ।

---



ଚତୁର୍ଥ : ସ୍ୱୟଂଶାସନ ଓ ସ୍ୱାଧୀନତା : ସମବାୟ ପ୍ରତିଷ୍ଠାନ ଗୁଡ଼ିକ ସ୍ୱୟଂଶାସିତ ଓ ସ୍ୱୟଂ ସହାୟତା ଉପରେ ପରିଚାଳିତ ଏକମାତ୍ର ସଂସ୍ଥା । ଯଦି ଏହା ସରକାରୀ ଏବଂ ଅନ୍ୟ ସଂସ୍ଥାମାନଙ୍କ ସହ ବୁଝାମଣା କରେ କିମ୍ବା ଅନ୍ୟ କୌଣସି ଠାରୁ ପାଣ୍ଠି ସଂଗ୍ରହ କରିଥାଏ ତଥାପି ମଧ୍ୟ ନିଜସ୍ୱ ମୌଳିକତା ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ନିୟନ୍ତ୍ରଣ ଅବସ୍ଥାକୁ ବେଶ୍ ଗୁରୁତ୍ୱ ଦେଇଥାଏ ।

---



ପଞ୍ଚମ : ସମବାୟ ଶିକ୍ଷା : ସମବାୟ ପ୍ରତିଷ୍ଠାନ ନିଜର ସଭ୍ୟ, କର୍ମଚାରୀ ଏବଂ ପରିଚାଳନା ସମିତି ସଭ୍ୟମାନଙ୍କୁ ତାଲିମ୍ ଓ ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କ ସାମଗ୍ରୀକ ବିକାଶ ପାଇଁ ଚେଷ୍ଟା କରିଥାଏ । ସଭ୍ୟ, ଯୁବଗୋଷ୍ଠୀ ଓ ଅନ୍ୟ ଲୋକମାନଙ୍କୁ ସମବାୟର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥାଏ ।

---



ଷଷ୍ଠ : ସମବାୟ ଭିତରେ ସହଯୋଗ : ସମବାୟ ପ୍ରତିଷ୍ଠାନଗୁଡ଼ିକ ସ୍ଥାନୀୟ, ଜାତୀୟ, ଆଞ୍ଚଳିକ ଓ ଅର୍ନ୍ତରାଷ୍ଟ୍ରୀୟସ୍ତରରେ ପାରସ୍ପରିକ ସହଯୋଗ ମାଧ୍ୟମରେ ନିଜସ୍ୱ ସଭ୍ୟମାନଙ୍କୁ ଠିକ୍ ଭାବରେ ସେବା ଯୋଗାଇଥାଏ ଏବଂ ସମବାୟ ଆନ୍ଦୋଳନକୁ ସଶକ୍ତ କରି ଗଢ଼ି ତୋଳିଥାଏ ।

---

ସପ୍ତମ : ସମାଜର ଉନ୍ନତି ପାଇଁ ଉଦ୍‌ବେଗ : ସମବାୟ ପ୍ରତିଷ୍ଠାନଗୁଡ଼ିକ ନିଜସ୍ୱ ସାମୂହିକ ବିକାଶ ପାଇଁ ସଦସ୍ୟ ମାନଙ୍କ ଦ୍ୱାରା ଅନୁମୋଦିତ ନିୟମଗୁଡ଼ିକର ଅନୁସରଣ କରିଥାଏ ।



ଆମେ ବିଶ୍ୱାସ କରୁ ଯେ, ମଣିଷର ବିକାଶ ହିଁ ପ୍ରକୃତ ବିକାଶ । ଆମ ଦେଶର ଆଶା ଓ ଆକାଂକ୍ଷା ସେଦିନ ପୂରଣ ହେବ ଯେଉଁ ଦିନ ଆମର ଗ୍ରାମବାସୀ ଆମ ସାମାଜିକ ଓ ଆର୍ଥିକ ବିକାଶରେ ସଫଳ ଭାବରେ ଭାଗ ନେବେ ।

ଭାରତର ଜନଶକ୍ତି ଦେଶର ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ସମ୍ପତ୍ତି । ଆନନ୍ଦ ପଦ୍ଧତି ଦର୍ଶନର ମୂଳତତ୍ତ୍ୱ ହେଲା- ଜନଶକ୍ତିକୁ ସମବାୟ ସଂଗଠନର ବ୍ୟବସାୟିକ ପରିଚାଳନା ବ୍ୟବସ୍ଥା ସହ ଯୋଡ଼ିବା । ଆନନ୍ଦ ପଦ୍ଧତି ଦୁଗ୍ଧ ଉତ୍ପାଦକ ଏବଂ ଦୁଗ୍ଧ ଉପଭୋକ୍ତାମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଏକତ୍ରିତ କରିଥାଏ; ଏଥିରେ କୌଣସି ମଧ୍ୟସ୍ଥିର ଆବଶ୍ୟକତା ନଥାଏ । ଏପରି ଏକତ୍ର ପରିଚାଳନା ଦ୍ୱାରା ଉତ୍ପାଦକମାନଙ୍କୁ ସମିତି ସଂଘ ଓ ମହାସଂଘ ସହିତ ଏକତା ସୂତ୍ରରେ ବାନ୍ଧି ରଖିଥାଏ । ଫଳରେ ସେମାନେ କିପରି ଅଧିକମାତ୍ରାରେ ଭାଗ ନେଇ ପାରିବେ ଓ ଉତ୍ପାଦନ ଅଭିବୃଦ୍ଧି ସକାଶେ ଆଗ୍ରହ ପ୍ରକାଶ କରିବେ ସେଥି ପାଇଁ ପ୍ରୋତ୍ସାହିତ  କରାଯାଇଥାଏ । ଏହିପରି ଭାବରେ ଉପଭୋକ୍ତାର ଟଙ୍କାଏରୁ ଅଧିକାଂଶ ଭାଗ ଉତ୍ପାଦକ ହିଁ ପାଇଥାଏ । ଏହାଠାରୁ ମଧ୍ୟ ଅଧିକ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ହେଲା ଦୁଗ୍ଧ ସମବାୟ ଆନ୍ଦୋଳନ ପ୍ରତ୍ୟେକ ସ୍ତରରେ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ; ଯାହା ଫଳରେ ଚାଷୀ-ଉତ୍ପାଦକମାନଙ୍କର ଉତ୍ପାଦନ ଓ ବ୍ୟବସାୟିକ କୌଶଳ ମଧ୍ୟ ବୃଦ୍ଧି ଘଟିଥାଏ ଓ ସେମାନଙ୍କୁ ସ୍ୱୟଂଶାସନର ମହତ୍ତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଜ୍ଞାନ ମିଳିଥାଏ; ଯାହାକି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିଥାଏ । ଆମେ ବିଶ୍ୱାସ କରୁ ଯେ, ମଣିଷର ବିକାଶ ହିଁ ପ୍ରକୃତ ବିକାଶ । ଆମ ଦେଶର ଆଶା ଓ ଆକାଂକ୍ଷା ସେଦିନ ପୂରଣ ହେବ ଯେଉଁ ଦିନ ଆମର ଗ୍ରାମବାସୀ ଆମ ସାମାଜିକ ଓ ଆର୍ଥିକ ବିକାଶରେ ସଫଳ ଭାବରେ ଭାଗ ନେବେ ।


ରାଷ୍ଟ୍ରୀୟ ଡ଼େରୀ ବିକାଶ ବୋର୍ଡ଼

ଆନନ୍ଦ - ୩୮୮୦୦୧୧

**Samaleswari Regional Co-op. Milk Producers' Union Ltd., Sakhipada, Sambalpur, Odisha**